CMYK

• Vol.- 46, Issue No. 153
• Wednesday, 02 September 2026
• ବୁଧବାର,୦୨ ସେପ୍ଟେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ମାନିଲେ ସରକାର, ଓହରିଲା ସିଜେପି





- ସେପ୍ଟେମ୍ବର ୫ରେ ହୋଇଥାନ୍ତା ଶୋଭାଯାତ୍ରା
- ନିଟ୍ ମାମଲା: ଛାତ୍ର ଆନ୍ଦୋଳନ ସହ ଜଡ଼ିତ ସବୁ ଏତଲା ରଦ୍ଦ
- ସୁପ୍ରିମ କୋର୍ଟ ଦେଲେ ନିର୍ଦ୍ଦେଶ
- ପରସ୍ପର ବିଶ୍ୱାସର ସହ କଥା ହେଲେ, ସବୁ ବିବାଦର ହେବ ସମାଧାନ
- ଆତ୍ମହତ୍ୟା କରିଥିବା ନିଟ୍ ଆଶାୟୀଙ୍କ ପରିବାରକୁ ମିଳିବ କ୍ଷତିପୂରଣ
- ହିଂସାକାଣ୍ଡ ଘଟାଇଥିବା ୨,୮୩୭ ବ୍ୟକ୍ତିଙ୍କ ବିରୋଧରେ ଚାଲିବ ମାମଲା

ନୂଆଦିଲ୍ଲୀ,୧।୯: କକ୍ରୋଚ ଜନତା ପାର୍ଟି(ସିଜେପି) ବ୍ୟାନରରେ ବିକ୍ଷୋଭ କରିଥିବା ଦେଶର ଯୁବଗୋଷ୍ଠୀଙ୍କୁ ଆଶ୍ୱସ୍ତି ମିଳିଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଗତ ଜୁଲାଇରେ ଦିଲ୍ଲୀରେ ସଂସଦ ଚଲୋ ବିକ୍ଷୋଭ ଶୋଭଯାତ୍ରା ସମେତ ଦେଶବ୍ୟାପୀ ଆନ୍ଦୋଳନ ହୋଇଥିଲା। ପୋଲିସ ଅନେକ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏହି ସମସ୍ତ ମାମଲା ଖାରଜ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଓ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ବିନା ଅପରାଧିକ ଉଦ୍ଦେଶ୍ୟ ଥାଇ ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ଅପରାଧ ଭାବେ ବିବେଚନା କରାଯିବନାହିଁ । ତେଣୁ ଜୁଲାଇ ୨୦ରୁ ୨୫ ମଧ୍ୟରେ ରାଜଧାନୀ ଦିଲ୍ଲୀ ତଥା ଅନ୍ୟ ସ୍ଥାନଗୁଡ଼ିକରେ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୋଧରେ ଯେଉଁ ସବୁ ଏତଲା ବା ଏଫଆଇଆର ରୁଜୁ କରାଯାଇଛି, ତାହାର ଆଉ ତଦନ୍ତର କୌଣସି ଆବଶ୍ୟକତା ନାହିଁ । ସେହି ମାମଲାଗୁଡିକ ଏବେ ବନ୍ଦ ହୋଇଗଲା ବୋଲି ବିବେଚନା କରାଯିବ । ଖଣ୍ଡପୀଠ ତାଙ୍କ ରାୟରେ ଏହା ଉଲ୍ଲେଖ କରିବା ସହିତ ଆଗକୁ ବି ଆଉ କୌଣସି ମାମଲା ରୁଜୁ କରାଯିବ ନାହିଁ ଉଲ୍ଲେଖ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ଆଗରେ କହିଥିଲେ ଯେ, ଜୁଲାଇ ୨୫ରେ ଆନ୍ଦୋଳନକାରୀ ଛାତ୍ରମାନଙ୍କ ସହିତ ହୋଇଥିବା ଆଲୋଚନାରେ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା କରିବାକୁ ସରକାର ବଦ୍ଧପରିକର । ଜୁଲାଇ ୨୦ରୁ ୨୫ ମଧ୍ୟରେ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୋଧରେ ହୋଇଥିବା ଏଫଆଇଆର ପ୍ରତ୍ୟାହାର, ଆଉ ନୂଆ ଏଫଆଇଆର ରୁଜୁ ନ କରିବା ଏବଂ ଆତ୍ମହତ୍ୟା କରିଥିବା ନିଟ୍ ଆଶାୟୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଥିଲେ ଯେ ଯଦି ଉଭୟ ପକ୍ଷ ପରସ୍ପର ସହ ବିଶ୍ୱାସର ସହ କଥା ହେବେ, ତା'ହେଲେ ସବୁ ବିବାଦର ସମାଧାନ ହୋଇପାରିବ। ଏହାର ଜବାବରେ ମେହଟା କହିଥିଲେ ଯେ ଉଭୟ ପକ୍ଷ ଏହି ପ୍ରସଙ୍ଗକୁ ସକାରାତ୍ମକ ଓ ଗଠନମୂଳକ ଢଙ୍ଗରେ ବିଚାରକୁ ନେଇଛନ୍ତି। ଆମେ ପରସ୍ପରର ଶତ୍ରୁ ଆଦୌ ନୁହଁ। କେନ୍ଦ୍ରର ଏପରି ଆଭିମୁଖ୍ୟକୁ ସିଜେପି ମୁଖପାତ୍ର ସୌରଭ ଦାସ ସ୍ୱାଗତ କରିଛନ୍ତି। ଏହାପରେ ସେ ସେପ୍ଟେମ୍ବର ୫ ପ୍ରସ୍ତାବିତ ଶୋଭାଯାତ୍ରାକୁ ଦଳ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା କୋର୍ଟଙ୍କୁ ଜଣାଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ନିଜ ପ୍ରତିଶ୍ରୁତି ପୂରଣ କରିବେ ବୋଲି କୋର୍ଟରେ ପୁଣି ଥରେ ଦୋହରାଇଛନ୍ତି। ତେବେ ଏହି ଆନ୍ଦୋଳନ ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଉପସ୍ଥିତ ହୋଇଥିବା ତଥା ହିଂସାକାଣ୍ଡ ଘଟାଇଥିବା ୨,୮୩୭ ଜଣ ବ୍ୟକ୍ତିଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ନ କରିବାକୁ ଦିଲ୍ଲୀ ପୋଲିସର ଦାବିକୁ ମାନ୍ୟବର କୋର୍ଟ ଗ୍ରହଣ କରିଛନ୍ତି। ଏଥି ସହ ଏନେଇ ଅନ୍ୟ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବାକୁ ଅନୁମତି ଦେଇଛନ୍ତି।

## ଗୋଟିଏ ମଞ୍ଚରେ ଏକାଠି ୩ ପ୍ରମୁଖ ନେତା

# ପୁଟିନ-ଜିନପିଙ୍ଗ ଓ ମୋଦି



ବିଶକେକ୍,୧।୯: ବିଶକେକ୍‌ରେ ଆୟୋଜିତ ହୋଇଛି ୨୬ ତମ ଏସ୍‌ସିଓ ଶିଖର ସମ୍ମିଳନୀ। ଏଥିରେ ଚୀନ୍-ରୁଷ ଓ ଭାରତର ପ୍ରମୁଖ ନେତା ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏହି ତିନି ନେତା ଏକାଠି ହୋଇଥିଲେ, ତାହା ପାଲଟିଥିଲା ସୋସିଆଲ ମିଡିଆର ଭାଇରାଲ ମୁହୂର୍ତ୍ତ। ଗୋଟିଏ ପଟେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ। ସେଭଳି ସେମାନଙ୍କ ଆଗରେ ଠିଆ ହୋଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯେତେବେଳେ ସାମନା ସାମନି ହୁଅନ୍ତି, ନିଜର ପୁରୁଣା ବନ୍ଧୁଙ୍କୁ ଦେଖି ହସିବା ସହ ପ୍ରଥମେ ପୁଟିନ୍ ଓ ପରେ ଜିନପିଙ୍ଗଙ୍କ ହାତ ଧରି ନିଅନ୍ତି। ଯେପରି ତିନିଜଣ ବିଶ୍ୱକୁ ବାର୍ତ୍ତା ଦେଉଛନ୍ତି ସେମାନେ ହିଁ ଭବିଷ୍ୟତର ନେତା। ସୂଚନାଯୋଗ୍ୟ ଯେ ଗତ ବର୍ଷ ସାଂଘାଇରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ଏଥିରେ ଯୋଗ ଦେଇଥିଲେ। ଚୀନ୍, ଭାରତ ଏବଂ ରୁଷର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏହା ଲଗାତାର ଦ୍ୱିତୀୟ ବୈଠକ। ସେମାନେ ଖୁବ୍ ଶୀଘ୍ର ଭାରତ ଦ୍ୱାରା ଆୟୋଜିତ 'ବ୍ରିକ୍ସ' ସମ୍ମିଳନୀରେ ସାକ୍ଷାତ କରିବେ।

## ରାଜ୍ୟ କ୍ୟାବିନେଟ୍ ୩ ରେ !

ଭୁବନେଶ୍ୱର,୧।୯: ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସେପ୍ଟେମ୍ବର ୩ରେ ରାଜ୍ୟ କ୍ୟାବିନେଟ୍ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍‌ରେ ୯ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।ସୂଚନା ଅନୁଯାୟୀ, ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟ କ୍ୟାବିନେଟ୍ ସୂଚୀ ସଂକ୍ରାନ୍ତରେ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ଅବଗତ କରାଯାଇଛି। ଏଥିରେ ପୂର୍ତ୍ତ, ରାଜସ୍ୱ, ଜଳସମ୍ପଦ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ, ଅନୁସୂଚିତ ଜାତି ଓ ଜନଜାତି, ନଗର ଉନ୍ନୟନ ଭଳି ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ରହିଛି।

## ୨୧.୪୪ ଲକ୍ଷ ଟଙ୍କା ଘୋଟାଲା
## ୨ ଜଣଙ୍କ ବିରୋଧରେ ଭିଜିଲାନ୍ସ ମାମଲା

ବାରିପଦା,୧।୯ :ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ବହଳଦା ଶାଖାରେ ଆଉ ଏକ ବଡ଼ ଆର୍ଥିକ ଘୋଟାଲା ପଦାକୁ ଆସିଛି। ଓଡ଼ିଶା ଭିଜିଲାନ୍ସ ବ୍ୟାଙ୍କର ଦୁଇ ପୂର୍ବତନ ଅଧିକାରୀଙ୍କ ବିରୋଧରେ ୨୧.୪୪ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ନୂଆ ମାମଲା ରୁଜୁ କରିଛି।ଅଭିଯୁକ୍ତ ହେଲେ ବହଳଦା ଶାଖାର ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ଦିଚେନ କୁମାର ମିଶ୍ର ଓ ପୂର୍ବତନ ଆସିଷ୍ଟାଣ୍ଟ ମ୍ୟାନେଜର ଗୌରବ କୁମାର ଦାସ। ତଦନ୍ତରୁ ଜଣାପଡ଼ିଛି ଯେ, ଟିରିଙ୍ଗ ଲାର୍ଜ ସାଇଜଡ଼ ଆଦିବାସୀ ମଲ୍ଟିପର୍ପୋଜ କୋଅପରେଟିଭ ସୋସାଇଟିର ଋଣ ପରିଶୋଧ ପାଇଁ ଆସିଥିବା ଟଙ୍କାକୁ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା ନକରି ଷଡ଼ଯନ୍ତ୍ର କରି ୧୨ଟି ଜାଲ୍ ଲୋନ୍ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା।ଭିଜିଲାନ୍ସ କହିଛି, ଏହି ଟଙ୍କାକୁ ଦୁଇ ଅଧିକାରୀ ପୂର୍ବରୁ ଅନିୟମିତ ଭାବେ ମଞ୍ଜୁର କରିଥିବା ଋଣକୁ ସମନ୍ୱୟ କରିବାରେ ବ୍ୟବହାର କରିଥିଲେ। ଏହା ଫଳରେ ବ୍ୟାଙ୍କ ଓ ସମବାୟ ସଂସ୍ଥାର ବିପୁଳ ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି।ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ–୧୯ (୦୧.୦୯. ୨୦୨୬) ରୁଜୁ ହୋଇଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ–୨୦୧୮ ଏବଂ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ମାମଲା ରେଜିଷ୍ଟର କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ୨ ହଜାର କ୍ୱିଣ୍ଟାଲରୁ ଅଧିକ ଚିନି ମହଜୁଦ ମନା

ନୂଆଦିଲ୍ଲୀ,୧।୯: ଚିନିର କଳାବଜାରୀ ଓ ଅତ୍ୟଧିକ ମହଜୁଦକୁ ରୋକିବା ପାଇଁ କେନ୍ଦ୍ର ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ଏଣିକି ଚିନି ଡିଲରମାନେ ୨ ହଜାର କ୍ୱିଣ୍ଟାଲରୁ ଅଧିକ ଚିନି ମହଜୁଦ ରଖିପାରିବେ ନାହିଁ। ସେପ୍ଟେମ୍ବର ୧୫ରୁ ଏହି ନୂଆ ନିୟମ ଲାଗୁ ହେବ। ପୂର୍ବରୁ ଡିଲରମାନଙ୍କୁ ସର୍ବାଧିକ ୪ ହଜାର କ୍ୱିଣ୍ଟାଲ ପର୍ଯ୍ୟନ୍ତ ଚିନି ମହଜୁଦ ରଖିବାକୁ ଅନୁମତି ଥିଲା। ଚିନି ଯୋଗାଣ ଓ ବଜାର ଦର ଉପରେ ନଜର ରଖିବା ସହ କଳାବଜାରୀ ରୋକିବା ଉଦ୍ଦେଶ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନୂଆ ନିୟମ ଅନୁଯାୟୀ, କୌଣସି ବ୍ୟବସାୟୀ କିମ୍ବା ଡିଲର ନିଜ ଷ୍ଟକ୍‌କୁ ୩୦ ଦିନରୁ ଅଧିକ ସମୟ ମହଜୁଦ ରଖିପାରିବେ ନାହିଁ।

## 'କଙ୍ଗାରୁ କୋର୍ଟ 'ରେ ମାଡ଼ ଓ ଜରିମାନା
## ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା !



ମାଲକାନଗିରି , ୧।୯(ନିପ୍ର): 'କଙ୍ଗାରୁ କୋର୍ଟ 'ରେ ମାଡ଼ ଓ ୪୫ ହଜାର ଟଙ୍କା ଜରିମାନା ପରେ ଜଣେ ଯୁବକଙ୍କ ଆତ୍ମହତ୍ୟା ଭଳି ହୃଦୟ ବିଦାରକ ଘଟଣା ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଏମଭି –୯୨ ଗାଁରୁ ଆସିଛି,ଯାହା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗାଁର ସାଗର ସରକାର ନାମକ ଜଣେ ୨୨ ବର୍ଷୀୟ ଯୁବକ ଗତ କିଛି ଦିନ ପୂର୍ବରୁ କଲିକତାରେ କାମ କରିବା ସମୟରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ନିଜ ଗାଁକୁ ଆଣିଥିଲେ । ଗାଁ ଲୋକଙ୍କ ପାଖରେ ଖବର ପହଞ୍ଚିବା ପରେ ଗାଁ କମିଟି ଏକ କଙ୍ଗାରୁ କୋର୍ଟ କରି ସାଗର ଓ ତାଙ୍କ ବାପା ରବି ସରକାରଙ୍କୁ ଡାକିଥିଲେ । କଙ୍ଗାରୁ କୋର୍ଟରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ଆଣିଥିବାରୁ ସାଗରଙ୍କୁ ଗାଁ କମିଟି ସଦସ୍ୟ ମାଡ଼ ମାରିବା ସହ ୪୫ ହଜାର ଟଙ୍କା ଜରିମାନା ପକାଇଥିଲେ ଓ ଉକ୍ତ ବିବାହିତ ମହିଳାଙ୍କୁ ତାଙ୍କ ସ୍ୱାମୀ ସହ ପଠାଇଦେଇଥିଲେ।ଗାଁ କମିଟିରେ ମାଡ଼ ଓ ଜରିମାନା ପକାଇବା ଘଟଣାକୁ ସହ୍ୟ ନ କରି ପାରି ସାଗର ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି ସାଗରଙ୍କ ପରିବାର ଲୋକେ। ଗାଁ କମିଟି ସଭାପତି ଏହାକୁ ଖଣ୍ଡନ କରିଥିବା ବେଳେ ମାଲକାନଗିରି ଆଦର୍ଶ ଥାନା ପକ୍ଷରୁ ଶବକୁ ଜବତ କରି ତଦନ୍ତ ଆରମ୍ଭ କରାଯାଇଛି।

## ଜିଲ୍ଲା ଗସ୍ତ କରିବେ ସଚିବ ଓ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର,୧।୯(ନିପ୍ର): ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉନ୍ନୟନ କମିଶନର। ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ଚିଠି ଲେଖି ଅଧିକାରୀ ମାନଙ୍କୁ ଜଣାଇଛନ୍ତି। ଅଧିକାରୀମାନେ ଅକ୍ଟୋବର ଯାଏଁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ୨/୩ ଦିନିଆ ଗସ୍ତ କରିବେ ଏବଂ ଗୋଟିଏ ରାତି ଜିଲ୍ଲା/ଉପଖଣ୍ଡ ମୁଖ୍ୟାଳୟରେ ରହିବେ। ସେମାନେ ସେଠାରେ ରାଜ୍ୟ ସରକାରୀ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ଦେଖିବେ। ଏହାସହ ଜିଲ୍ଲା ମୁଖ୍ୟ ହସ୍ପିଟାଲ, ପିଏଚସି/ସିଏଚସି ଯାଇ ରୋଗୀ ସେବା ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଦୁର୍ଗମ ଅଞ୍ଚଳ ଅଚାନକ ଗସ୍ତ କରି ସ୍ଥିତି ପରଖିବେ। ଗ୍ରାମ ପଞ୍ଚାୟତକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିପାରିବେ। ୩୦ ଜିଲ୍ଲା ପାଇଁ ୩୦ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଉନ୍ନୟନ କମିଶନର।

## ଓଡ଼ିଶା ଲୋକଭବନକୁ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍





ଭୁବନେଶ୍ୱର,୧।୯: ଓଡ଼ିଶା ଲୋକଭବନ ହାସଲ କରିଛି ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ ର ସମ୍ମାନଜନକ ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍ । ଭାରତର ପ୍ରଥମ ଲୋକଭବନ ଭାବେ ଏହି ମାନ୍ୟତା ହାସଲ କରିଛି ଓଡ଼ିଶା ଲୋକଭବନ। ଓଡ଼ିଶାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଲୋକଭବନକୁ ଓ ଆଇଜିବିସି ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ରେଟିଂ ବ୍ୟବସ୍ଥା ଅଧୀନରେ ଏହି ସାର୍ଟିଫିକେସନ୍ ମିଳିଛି। ଲୋକଭବନ କ୍ୟାମ୍ପସ୍ ୧୦୦ରୁ ୮୮ ଅଙ୍କ ହାସଲ କରି ସର୍ବୋଚ୍ଚ ପ୍ଲାଟିନମ୍ ବର୍ଗରେ ସ୍ଥାନ ପାଇଛି। ଏହି ମାନ୍ୟତା ସ୍ଥାୟୀ ଶାସନ ଭିତ୍ତିଭୂମି ଏବଂ ଜଳବାୟୁ ପ୍ରତିକ୍ରିୟାଶୀଳ ସାର୍ବଜନୀନ ପ୍ରତିଷ୍ଠାନ ଗଠନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କ୍ୟାମ୍ପସ୍ ଯୋଜନା, ଭିତ୍ତିଭୂମି ଓ ଦୈନନ୍ଦିନ କାର୍ଯ୍ୟରେ ସ୍ଥାୟୀତ୍ୱକୁ ସମନ୍ୱିତ କରିଥିବାରୁ ଲୋକଭବନକୁ ଏହି ସମ୍ମାନ ମିଳିଛି।ଲୋକଭବନ କ୍ୟାମ୍ପସ୍ ଶକ୍ତି-ଦକ୍ଷ ପ୍ରଣାଳୀ, ନବୀକରଣୀୟ ଶକ୍ତିର ବ୍ୟବହାର, ଜଳ ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା, ସ୍ଥାୟୀ ଗତିଶୀଳତା ଏବଂ ବାସିନ୍ଦାଙ୍କ କଲ୍ୟାଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସଫଳତାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଖୁସି ପ୍ରକଟ କରି କହିଛନ୍ତି, ମୁଁ ଦେଖିବାକୁ ଚାହୁଁଛି, ଓଡିଶାର ସବୁ ବିଶ୍ୱ ବିଦ୍ୟାଳୟ ଗ୍ରୀନ କ୍ୟାମ୍ପସ ହେଉ।'

## ସିବିଆଇ ସ୍କାନରରେ ସୁଶାନ୍ତ !

ଭୁବନେଶ୍ୱର,୧।୯: ଓଡ଼ିଶା ପୁଲିସ୍ ଏସଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସିବିଆଇ ସ୍କାନରରେ ଜେଲ୍ ଡିଜି ତଥା ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥ ଥିବା ଚର୍ଚ୍ଚାକୁ ଆସୁଛି। ଏହି ମାମଲା ସମ୍ପର୍କରେ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଏକ ପତ୍ର ସାମ୍ନାକୁ ଆସିଛି । ସୂଚନା ଅନୁସାରେ, ସୁଶାନ୍ତ ନାଥ ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ଥିବା ସମୟରେ ଏସଆଇ ପରୀକ୍ଷାରେ କେଲେଙ୍କାରୀ ହୋଇଥିବା ଅଭିଯୋଗ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟ ତଦନ୍ତର ଅଂଶବିଶେଷ ହୋଇଥିବା ଜଣାପଡ଼ିଛି । ମାମଲାର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସିବିଆଇ ସୁଶାନ୍ତ ନାଥଙ୍କୁ ପଚରାଉଚରା କରିବାକୁ ରାଜ୍ୟ ସରକାରଙ୍କ ଅନୁମତି ମାଗିଛି। ଅନୁମତି ମିଳିଲେ ସିବିଆଇ ତାଙ୍କୁ ଜେରା କରିପାରେ । ଏସଆଇ ପରୀକ୍ଷା କେଲେଙ୍କାରୀରେ କେଉଁମାନଙ୍କ ଭୂମିକା ଥିଲା ଏବଂ ପରୀକ୍ଷା ପରିଚାଳନାରେ କୌଣସି ଅନିୟମିତତା ହୋଇଥିଲା କି ନାହିଁ, ସେନେଇ ସିବିଆଇ ତଦନ୍ତ ଜାରି ରହିଛି।

# ବିପନ୍ନଙ୍କୁ ଦୁର୍ବିସହ କଲାଣି ବୈତରଣୀ

- ମାସକରେ ୫ଥର ବନ୍ୟା
- ବୋଡକ ନିକଟରେ ପୁଣି ଭାସିଗଲା କଂକ୍ରିଟ
- ଆଖଣ୍ଡଳମଣି-କୁଆଖିଆ ୨୦ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍




ଭଦ୍ରକ,୧।୯: ଉପରମୁଣ୍ଡରେ ଲଗାଣ ବର୍ଷା ତଳମୁଣ୍ଡରେ ବଢ଼ି। ଏପରିକି ଏକମାସ ମଧ୍ୟରେ ବୈତରଣୀ ନଦୀରେ ପାଂଚ ପାଂଚ ଥର ବନ୍ୟା ଆସିବାରୁ ବିପନ୍ନଙ୍କୁ ଦୁର୍ବିସହ କରିଲାଣି । ବିଶେଷକରି ବୈତରଣୀ ନଦୀ ବୋଡକ ନିକଟରେ କୂଳ ଲଘିଂବାରୁ ୨୦ ନମ୍ବର ଜାତୀୟ ରାଜପଥର ପୁଣି ୧ଶହ ଫୁଟର କଂକ୍ରିଟ ରାସ୍ତା ଧୋଇ ଯିବା ସହ ଘାଇ ସୃଷ୍ଟି ହେବାରେ ଲାଗିଛି। ପୂର୍ବରୁ ଆସିଥିବା ବନ୍ୟାରେ ଦେଢକିମି ରାସ୍ତା ଧୋଇଯିବା ସହ ୫ଶହ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଗତ ୩ଦିନ ହେବ ତତ୍କାଳ ମଧ୍ୟରେ ଘାଇ ସ୍ଥାନରେ ବଲ୍ଲୀ ଓ ବାଲିବସ୍ତା ଦିଆଯାଇ ଅସ୍ଥାୟୀ ମରାମତି ହୋଇଥିଲା। ହେଲେ ବୈତରଣୀ ନଦୀ ଉଛୁଳିପଡିବା ସହ ଅନେକ ସ୍ଥାନରେ ବାଲିବସ୍ତାକୁ ବନ୍ୟାପାଣି ଧୋଇନେବାରୁ ସିଧାସଳଖ ଭାବେ ବନ୍ୟାପାଣି ଚାଷଜମି ଓ ଜନବସତିକୁ ମାଡ଼ି ଚାଲିଛି। ଦୀର୍ଘ ୧ମାସ ହେବ ବୈତରଣୀ ନଦୀରେ ଆସିଥିବା ୫ଥର ବନ୍ୟାରେ ବିଶେଷଭାବେ କ୍ଷତି ହୋଇଛି ଚାନ୍ଦବାଲି ବ୍ଲକର ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଂଚାୟତର ୨୪ ଗାଁ। ତାହାସହ ଅନେକ ଶିକ୍ଷାନୁଷ୍ଠାନ ଦୀର୍ଘ ୧ମାସ ହେ୍ବ ପାଣିଘେରରେ ରହିଥିବାରୁ ପିଲାଙ୍କ ପାଠପଢା ବସ୍ତାନିରେ ଡୋରୀ ପଡ଼ିଯାଇଛି। ତାହାସହ ନଦୀତଟବର୍ତ୍ତୀ ଓ ତଳିଆ ଅଂଚଳରେ ବସବାସ କରୁଥିବା ଲୋକ ଦୀର୍ଘ ୧ମାସରୁ ଉର୍ଦ୍ଧ ହେବ ନଦୀବନ୍ଧ ଓ ରାଜରାସ୍ତା କଡ଼ରେ ଆଶ୍ରୟ ନେଇଛନ୍ତି। ବୋଡକ ନିକଟରେ ଘାଇ ଓ କଂକ୍ରିଟ ରାସ୍ତାର ପାଣିକୋଇଲି ଅଧିନ ଏନ୍ ଏଚ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟବରାଦ କରାଯାଇ ଅସ୍ଥାୟୀ ମରାମତି କରାଯାଉଥିଲେ ମଧ୍ୟ ବହୁ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରୁ ବାଲି, ମାଟି ପୁଣି ଧୋଇଯାଇଛି। ନଦୀର ବନ୍ୟାପାଣି ଏତେ ପ୍ରଖର ରହିଛି ଯାହାକି ଆଖଣ୍ଡଳମଣି-କୁଆଖିଆ ମଧ୍ୟରେ ଯାତାୟତ ଠପ୍ ହୋଇଯାଇଛି। ଏଥିସହ ମୁଁଆ ଓ ଡିହସାହି ଘୋଷରାରେ ୩/୪ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ୨୦ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ଗତ ୪ ବର୍ଷ ମଧ୍ୟରେ ୧୫କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହେଲାଣି, ହେଲେ ବର୍ଷାଋତୁ ଆସିଲେ ବନ୍ୟାପାଣି କୂଳ ଲଘିଂ ଯାଉଛି । ମଙ୍ଗଳବାର ଆଖୁଆପଦାଠାରେ ବୈତରଣୀ ବିପଦ ସଂକେତ ଅତିକ୍ରମ କରିଛି ।

## ମୟୂରଭଞ୍ଜ ଓ ଯାଜପୁର ପ୍ରଭାବିତ

- ପରିସ୍ଥିତି ଉପରେ ନଜର ରଖିଛନ୍ତି ଜିଲ୍ଲା ପ୍ରଶାସନ
- ୧୪ ସୁଦ୍ଧା ଲଘୁଚାପ କ୍ଷେତ୍ର !

ଭୁବନେଶ୍ୱର,୧।୯: ମୟୂରଭଞ୍ଜ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳ ପ୍ରଭାବିତ ହୋଇଛି। ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ରିଲିଫ୍, ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ପ୍ରଭାବିତ ହୋଇଛି। ମୋଟ ୧୯ଟି ଗ୍ରାମ ପଞ୍ଚାୟତ ଏବଂ ୬୨ଟି ଗ୍ରାମ ପ୍ରଭାବିତ ହୋଇଛି, ଯାହା ୭,୭୪୫ ଲୋକଙ୍କୁ ପ୍ରଭାବିତ କରିଛି। ମୟୂରଭଞ୍ଜରେ ୧୮ଟି ବ୍ଲକ, ୪୮ଟି ଗ୍ରାମ ପଞ୍ଚାୟତ ଏବଂ ୮୪ଟି ଗ୍ରାମ ପ୍ରଭାବିତ ହୋଇଛି। ପାଣିପାଗ ବିଜ୍ଞାନୀମାନେ ସୂଚିତ କରିଛନ୍ତି ଯେ ସେପ୍ଟେମ୍ବର ୧୨-୧୪ ସୁଦ୍ଧା ବଙ୍ଗୋପସାଗର ଉପରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ସମଗ୍ର ଓଡ଼ିଶାରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ବୃଦ୍ଧି ପାଇଛି।ବର୍ତ୍ତମାନ, ରାଜ୍ୟରେ ମେଘୁଆ ପାଗ ରହିଛି ଏବଂ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ। ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ କୌଣସି ବଡ଼ ଘୂର୍ଣ୍ଣିବଳୟ ପରିସର ସମ୍ଭାବନା ନାହିଁ, କିନ୍ତୁ ଏହା ପରେ, ଦକ୍ଷିଣ ଚୀନ ସାଗରରୁ ଏକ ପ୍ରଣାଳୀ ବଙ୍ଗୋପସାଗରରେ ପ୍ରବେଶ କରି ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ। ବୁଧବାର ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ଝାରସୁଗୁଡା ଏବଂ ବରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାକୁ ଘଡ଼ଘଡ଼ି ସହିତ ଝଡ଼ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି।

CMYK



# ଧର୍ମର ଜୟ ହୁଏ

**ଧର୍ମ ପଥର ପଥିକମାନଙ୍କ ଦୃଢ଼ ବିଶ୍ୱାସର ସହିତ କହନ୍ତି - 'ଧର୍ମୋ ରକ୍ଷତି ରକ୍ଷିତଃ' । ଯେଉଁମାନେ ଧର୍ମକୁ ରକ୍ଷା କରିବେ ତା'ଙ୍କୁ ନିଶ୍ଚୟ ଧର୍ମ ଦିନେନା ଦିନେ ରକ୍ଷା କରିବ। ଏଣୁ ଶାସ୍ତ୍ରରେ କୁହାଯାଇଛି ସର୍ବଦା ଧର୍ମର ଜୟ ହୁଏ ଓ ଅଧର୍ମର ବିନାଶ ହୋଇଥାଏ ।**

ମର ଜଗତରେ ଯେଉଁ ଦ୍ୱୈତ, ଦାନବ ଓ ମାନବମାନେ ଜନ୍ମ ଗ୍ରହଣ କରନ୍ତି ସେମାନେ କର୍ମ ମିଶ୍ରିତ ଭୋଗଯୋନି ଅନ୍ତର୍ଗତ । ଯେତେ ଜୀବ ଅଛନ୍ତି ସେମାନେ ଭୋଗଯୋନିର ପର୍ଯ୍ୟାୟ ବିଶେଷ। ଉପରୋକ୍ତ ଦୁଇ ଯୋନି ମଧ୍ୟରୁ ଭୋଗ ଯୋନିରେ କର୍ମ ଉତ୍ପତ୍ତି ହୁଏ ନାହିଁ। ଏହି ଜୀବମାନେ ଜନ୍ମ ନିଅନ୍ତି ଭୋଗ ଶେଷ ପରେ ଶରୀର ତ୍ୟାଗ କରିଥାନ୍ତି । କିନ୍ତୁ କର୍ମ ମିଶ୍ରିତ ଭୋଗ ଯୋନି ପ୍ରାଣୀମାନେ କର୍ମ ସହ ଭୋଗ ମଧ୍ୟ କରିଥାନ୍ତି। ଫଳରେ ଏମାନେ ଜୀବିତ ଅବସ୍ଥାରେ ଯେଉଁ କର୍ମମାନ କରନ୍ତି ସେସବୁ ସଞ୍ଚିତ ହୋଇ ପ୍ରାରବ୍ଧର ରୂପ ନେଇଥାଏ। ଏହା ହିଁ କର୍ମ ମିଶ୍ରିତ ଭୋଗ ଯୋନି ଏବଂ ଭୋଗ ଯୋନିର ବିଶେଷତ୍ୱ। ସାଧାରଣତଃ ଅହଙ୍କାରୀ ମନୁଷ୍ୟ ମାୟିକ ପ୍ରପଞ୍ଚରେ ମୋହିତ ହୋଇ ଧରାକୁ ସରା ମଣିଥାନ୍ତି । ଧନ ବଳ, ଜନ ବଳ ଓ ବାହୁବଳ ବଳରେ ମତ୍ତ ହୋଇ ଅନ୍ୟର ଅହିତ ସାଧନ କରିବାକୁ ପଛାନ୍ତି ନାହିଁ। ଏପରି ପୁରୁଷ ଅନୀତି ପଥରେ ସର୍ବଦା ଅଗ୍ରସର ରହି ଶାସ୍ତ୍ର ବିହିତ ଧର୍ମର ବିପରୀତ କର୍ମ ଆଚରଣ କରିଥାନ୍ତି । ଏମାନେ ତାତ୍କାଳିକ ସୁଖ ଭୋଗ କଲେ ମଧ୍ୟ କାଳାନ୍ତରରେ ଦୁଃଖ ଓ ଯାତନା ଆଦି ଭୋଗିଥାନ୍ତି। ଏପରି ଲୋକଙ୍କ ପାଇଁ ଓଡ଼ିଆରେ ଏକ ଲୋକୋକ୍ତି ରହିଛି ' ଅଧର୍ମ ବିତ୍ତ ବଢେ ବହୁତ ଗଲାବେଳେ ଯାଏ ମୂଳ ସହିତ '। ପରନ୍ତୁ ଯେଉଁମାନେ ଶାସ୍ତ୍ର ବିହିତ କର୍ମ କରିବା ସହିତ ଧର୍ମ ପଥରେ ଗମନ କରନ୍ତି ସେମାନେ ତାତ୍କାଳିକ ଦୁଃଖ ଭୋଗକଲେ ମଧ୍ୟ କାଳାନ୍ତରରେ ଆନନ୍ଦ ପ୍ରାପ୍ତି କରିଥାନ୍ତି। ସଜ୍ଜନମାନେ ଜାଣନ୍ତି ଅସତ୍ୟ ରୂପୀ ଅନ୍ଧକାର କିଛି ସମୟ ପାଇଁ ନିଜର କାୟା ବିସ୍ତାରିତ କରିପାରେ କିନ୍ତୁ ଧର୍ମର ସ୍ୱରୂପ ସ୍ୱପ୍ରକାଶକୁ କେବେ ମଧ୍ୟ ବହୁ କାଳଧରି ଆବରଣ କରି ପାରିବ ନାହିଁ। ଧର୍ମର ଅଶେଷ ସାମର୍ଥ୍ୟ ରହିଛି । ତାହା




ନିମିଷକ ମଧ୍ୟରେ ଅସତ୍ୟକୁ ପ୍ରତିହତ କରିଦିଏ। ତେଣୁ ସଦାଚାରୀ ଗୋଷ୍ଠୀମାନେ ଦୁଃଖ ଭୋଗିଲେ ବି କେବେ ମଧ୍ୟ ଧର୍ମ ପଥକୁ ତ୍ୟାଗ କରନ୍ତି ନାହିଁ । ଧାର୍ମିକ ବ୍ୟକ୍ତିମାନେ ବାହ୍ୟରେ ପ୍ରକାଶ ନ କଲେ ମଧ୍ୟ ସେମାନେ 'ସ୍ୱଧର୍ମେ ନିଧନମ୍ ଶ୍ରେୟଃ ପରଧର୍ମୋ ଭୟାବହଃ' ବୋଲି ଜାଣନ୍ତି । ଏଣୁ ଧର୍ମ ପଥର ପଥିକମାନଙ୍କ ଦୃଢ଼ ବିଶ୍ୱାସର ସହିତ କହନ୍ତି - 'ଧର୍ମୋ ରକ୍ଷତି ରକ୍ଷିତଃ' । ଯେଉଁମାନେ ଧର୍ମକୁ ରକ୍ଷାକରିବେ ତା'ଙ୍କୁ ନିଶ୍ଚୟ ଧର୍ମ ଦିନେନା ଦିନେ ରକ୍ଷା କରିବ। ଏଣୁ ଶାସ୍ତ୍ରରେ କୁହାଯାଇଛି ସର୍ବଦା ଧର୍ମର ଜୟ ହୁଏ ଓ ଅଧର୍ମର ବିନାଶ ହୋଇଥାଏ ।



# ମନର ଅସ୍ଥିରତା ବିନା ଶରୀରର ଅସ୍ତିତ୍ୱ ଅର୍ଥହୀନ

ସମ୍ପୂର୍ଣ୍ଣ ସଂସାରରେ ଯଦି ସର୍ବାଧିକ ଶକ୍ତିଶାଳୀ ଯଦି କିଏ ଅଛି ତାହା ହେଲା ମନ। ମନକୁ କେହି ଦେଖି ନାହାନ୍ତି। କିନ୍ତୁ ମନର ଭିତରେ ଶକ୍ତିର ଅପାର ଭଣ୍ଡାର ବିଦ୍ୟମାନ ଅଛି। ଗୋଟିଏ ଦୋହା ଅଛି,'ମନ କେ ହାରେ ହାର ହୈ,ମନକେ ଜୀତେ ଜିତ୍' । ମନର ଭିତରେ ଅସୀମ କ୍ଷମତା ଏବଂ ସମ୍ଭାବନା ବିଦ୍ୟମାନ ଥାଏ। ଯେଉଁ ପ୍ରକାରରେ ଆମେ ପଦାର୍ଥର ସୂକ୍ଷ୍ମତମ କଣ ଅର୍ଥାତ୍ ପରମାଣୁକୁ ଦେଖି ପାରନ୍ତିନାହିଁ,କିନ୍ତୁ ସେଥିରେ ଅସୀମ ଶକ୍ତି ସନ୍ନିହିତ ଥାଏ। ଠିକ୍ ସେମିତି ମନ କୌଣସି ଭୌତିକ ବସ୍ତୁ ନୁହେଁ, ଯାହାର ଦର୍ଶନ କରି ପାରିବା ସମ୍ଭବ ଅଟେ। ମନ ଆମର ଭୌତିକ ଶରୀରରେ ସମ୍ବନ୍ଧର ଗୋଟିଏ ଏମିତି ଭାଗ ଅଟେ,ଯାହାର ବର୍ଣ୍ଣନା ଭୌତିକ ପଦ୍ଧତିରେ ମାପିବା ସମ୍ଭବ ନୁହେଁ। ମନର ଅସ୍ଥିରତା ବିନା ଶରୀରର ଅସ୍ତିତ୍ୱ ମଧ୍ୟ ଅର୍ଥହୀନ ହୋଇଯାଏ। ମନକୁ ଶରୀରର ସାରଥୀ କୁହାଯାଇଛି। କାହିଁକି ଶରୀର ପୂର୍ଣ୍ଣତା ମନର ଅଧୀନ ରହିଥାଏ। ଏହା ମନର ଶକ୍ତିର ହିଁ ପରିଣାମ ଅଟେ ଯେ ଶରୀର ବଡ-ବଡ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ସିଦ୍ଧ କରିଥାଏ। ଅନେକ ଏମିତି କାରକ ଚାରି ଦିଶାରେ ବିଦ୍ୟମାନ



ରହିଥାଏ,ଯାହା ମନକୁ ସର୍ବଦା ପତନର ଆଡକୁ ଅଗ୍ରସର କରିବା ପାଇଁ ପ୍ରବୃତ୍ତ ହୋଇଥାଏ। ବାହ୍ୟ ସଂସାର,ବିଭିନ୍ନ ପ୍ରକାରର ଅନୁଭବ, ବିଷମ ପରିସ୍ଥିତି,ବିଭିନ୍ନ ପ୍ରକାରର ଆବେଗ ଏବଂ ଭାବ ଇତ୍ୟାଦି କିଛି ଏମିତି କାରକ ଅଟନ୍ତି। କିନ୍ତୁ ଏହି ସବୁ କାରକର ପ୍ରଭାବକୁ ଗୋଟିଏ ଅମୋଘ ଅସ୍ତ୍ର ସହାୟତାରୁ ନିଷ୍କ୍ରିୟ କରାଯାଇ ପାରିବ। ଆଉ ସେହି ଅମୋଘ ଅସ୍ତ୍ର ହେଲା-ଆତ୍ମବଳ। ଆତ୍ମବଳରେ ମୁକ୍ତ ମନ ସଂସାରର ସର୍ବୋତ୍ତମ ଏବଂ ସର୍ବ ଶକ୍ତିମାନ ଅସ୍ତ୍ର ଅଟେ। ଆତ୍ମବଳକୁ ନିଜ ଭିତରେ ଜାଗ୍ରତ ପାଇଁ ଆମକୁ କେଉଁଠି ନା' କେଉଁଠି ଅନାବଶ୍ୟକ ବାହ୍ୟତତ୍ତ୍ୱର ଫାସରୁ ନିଜକୁ ବାହାର କରେଇବାକୁ ହେବ। ଏହା ପାଇଁ ନିତାନ୍ତ ଆବଶ୍ୟକ ହେଉଛି ଯେ ଆମେ ନିଜର ପୂର୍ଣ୍ଣ ଧ୍ୟାନ ସ୍ୱୟଂ ଉପରେ କେନ୍ଦ୍ରିତ କରିବା। ଏମିତି ହୋଲା ପରେ ବାହ୍ୟ କାରକ, ଯିଏ ନିରନ୍ତର ଆମକୁ ବିଚଳିତ କରି କରି ଚାଲିଥାଏ,ଆମ ଉପରେ ଟିକିଏ ମାତ୍ର ପ୍ରଭାବ ପକେଇ ପାରେନି। ଆମକୁ ମନର ଶକ୍ତିକୁ ଚିହ୍ନିକରି ଏବଂ ସ୍ୱୀକାର କରିକି ନିଜର ପ୍ରତ୍ୟେକ ଲକ୍ଷ୍ୟକୁ ମନର ପାଖରେ କରିକି ଆତ୍ମବଳର ସ୍ତର ନିରନ୍ତର ଉପରକୁ ଉଠେଇବାର ପ୍ରୟାସ କରିବା ଦରକାର। ଏମିତି ହେଲେ ଆମେ ନିଜର ଜୀବନରେ ଗୋଟିଏ ଅଦ୍ଭୂତ ପରିବର୍ତ୍ତନ ଦେଖିବା।




# ତ୍ୟାଗ

ଭଗବାନ ବୁଦ୍ଧଙ୍କ ନିକଟକୁ ଥରେ ସମ୍ରାଟ୍ ଶୌଣିକ ଆସିଲେ । ସେ ପଚାରିଲେ, ମହାତ୍ମା ! ରାଜକୁମାରଙ୍କୁ ମୁଁ ସବୁ ସୁବିଧା ଦେଇଛି । ହେଲେ ସେ ଖୁସିରେ ରହିପାରୁନାହାନ୍ତି । କିନ୍ତୁ ଅତି ସାଧାରଣ ଜୀବନ ବଞ୍ଚୁଥିବା ଆପଣଙ୍କ ଭିକ୍ଷୁମାନେ ସବୁବେଳେ କିଭଳି ପ୍ରସନ୍ନ ରହୁଛନ୍ତି ଏହାର କାରଣ କ'ଣ ଭଗବାନ ବୁଦ୍ଧ ଉତ୍ତର ଦେଲେ, ରାଜନ୍ ! ପ୍ରସନ୍ନତା ଖୋଜିବାକୁ ଚାହୁଁଛ ତ' ଅକିଞ୍ଚନ (ଯାହାପାଖରେ କିଛି ନଥାଏ)ରେ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ । ଅଭାବରେ ବଞ୍ଚୁଥିବା ମନୁଷ୍ୟ କେବେହେଲେ ପ୍ରସନ୍ନ ହୋଇପାରିନଥାଏ । ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ତ୍ୟାଗ କରିବା ଏବଂ ପ୍ରାପ୍ତ ନହେବା ଦୁଇଟି ଭିନ୍ନ ଜିନିଷ । ଯାହାକୁ ପଦାର୍ଥ ମିଳିନଥାଏ, ସେ ତ୍ୟାଗୀ ହୋଇପାରିନଥାଏ । ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ୍ୟ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ । ସେ ସର୍ବଦା ନିଜ ଧନର ସୁରକ୍ଷା ନିମିତ୍ତ ଚିନ୍ତାଗ୍ରସ୍ତ ରହିଥାଏ । ଭୟଭୀତ ରହିଥାଏ । ସ୍ୱେଚ୍ଛାରେ ତ୍ୟାଗ କରିଥିବା ବ୍ୟକ୍ତି ନିର୍ଭୟ ହୋଇଥାଏ ।



# ଲୋକକଥା ଓ ପ୍ରାମାଣିକତା



ଆଦି ଶଙ୍କରାଚାର୍ଯ୍ୟ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଜ୍ଞାନାନନ୍ଦ ସରସ୍ୱତୀ ଅନେକ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା କରି ପ୍ରଭୁ ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ଐତିହାସିକତା ସ୍ଥାପିତ କରିବାର କାର୍ଯ୍ୟ କରିଥିଲେ । ତାଙ୍କ ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କ ୫୦ତମ ପିଢ଼ିରେ ଶଲ୍ୟ ଜନ୍ମଗ୍ରହଣ କରିଥିଲେ । ଯିଏ କି ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିଥିଲେ । ଏହାର ଗଣନା କରାଗଲେ ଲବ ଏବଂ କୁଶ ମହାଭାରତ କାଳ ଠାରୁ ୨୫୦୦ରୁ ୩୦୦୦ ବର୍ଷ ପୂର୍ବେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ୍, ଆଜକୁ ୬୫୦୦ରୁ ୭୦୦୦ ବର୍ଷ ପୂର୍ବେ ଲବ ଓ କୁଶଙ୍କ ଜନ୍ମ ହୋଇଥିଲା । ରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସଙ୍କ ଜନ୍ମ ବିକ୍ରମ୍ ସମ୍ବତ୍ ୧୫୫୪ରେ ହୋଇଥିଲା । ସେ ଅୱଧୀ ଭାଷାରେ ରାମଚରିତ ମାନସର ରଚନା କରିଥିଲେ । ବାଲ୍ମିକୀ ରାମାୟଣ ଠାରୁ ଏହି ଗ୍ରନ୍ଥର ଲୋକପ୍ରିୟତା ଅଧିକ ହୋଇଥିଲା । କିନ୍ତୁ ଏହି ଗ୍ରନ୍ଥ ମୂଳ ରାମାୟଣ ଏବଂ ତତ୍କାଳୀନ ଲୋକକଥା ଆଧାରରେ ରଚନା କରାଯାଇଥିବା ଜଣାଯାଏ । ନେପାଳ, ଲାଓସ୍, କମ୍ପୁଚିଆ, ମାଲେସିଆ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ବାଂଲାଦେଶ, ଭୂଟାନ୍, ଶ୍ରୀଲଙ୍କା, ବାଲି, ଜାଭା, ସୁମାତ୍ରା, ଥାଇଲ୍ୟାଣ୍ଡ ଆଦି ଦେଶର ଲୋକସଂସ୍କୃତି ଏବଂ ଗ୍ରନ୍ଥରେ ଆଜି ମଧ୍ୟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତି ଜୀବିତ ହୋଇ ରହିଛି । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ମିଳିଥିବା ଶିଳାଲେଖ, ଭିତ୍ତିଚିତ୍ର, ମୁଦ୍ରା, ରାମସେତୁ ଏବଂ ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ତଥା ପ୍ରାଚୀନ ଭାଷା ଏବଂ ଗ୍ରନ୍ଥରେ ରାମଚନ୍ଦ୍ରଙ୍କ ଐତିହାସିକ ପ୍ରମାଣିକତା ସିଦ୍ଧ ହୋଇଥାଏ ।

# ଗୁପ୍ତତତ୍ତ୍ୱର ଅର୍ଥ

ଯିଏ ଭୋଗେ ତା'ର ଭୁଲ୍, ଏହା 'ଗୁପ୍ତ ତତ୍ତ୍ୱ' କୁହାଯାଏ । ଏଠାରେ ବୁଦ୍ଧି ଥକି ଯାଏ । ଯେଉଁଠି ମତିଜ୍ଞାନ କାମ କରେ ନାହିଁ, ସେ କଥା 'ଜ୍ଞାନୀପୁରୁଷ'ଙ୍କ ପାଖରେ ସ୍ପଷ୍ଟ ହୁଏ, ତାହା ଯେମିତିକୁ ସେମିତି ଥାଏ । ଏହି ଗୁପ୍ତତତ୍ତ୍ୱକୁ ବହୁତ୍ ସୁକ୍ଷ୍ମ ଅର୍ଥରେ ବୁଝିବା ଉଚିତ। ଯଦି ଚେତନ ନ୍ୟାୟ କରିବାବାଲା ହୋଇଥାନ୍ତା ତେବେ ସେ ପକ୍ଷପାତ ମଧ୍ୟ କରିପାରେ କିନ୍ତୁ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ । ତାହାକୁ ଜଗତ ଭାଷାରେ ଯଦି ବୁଝିବ ତେବେ ତାହା କମ୍ପ୍ୟୁଟର ସଦୃଶ ଅଟେ । କମ୍ପ୍ୟୁଟରକୁ ପ୍ରଶ୍ନ ଦେଲେ, ସେ ମଧ୍ୟ ଭୁଲ୍ କରିଦେଇ ପାରେ। କିନ୍ତୁ ପ୍ରକୃତିର ନ୍ୟାୟରେ ଭୁଲ୍ ହୁଏ ନାହିଁ । ଏହ ଜଗତର ନ୍ୟାୟ କରିବାବାଲା ନିଶ୍ଚେତନ ଚେତନ ଅଟେ ଏବଂ ସେ 'ବୀତରାଗ' ଅଟେ। ଯଦି ଜ୍ଞାନୀପୁରୁଷଙ୍କ ଗୋଟିଏ ଶବ୍ଦ ବୁଝିଯାଏ ଏବଂ ଗ୍ରହଣ କରିନିଏ ତେବେ ସେ ମୋକ୍ଷରେ ହିଁ ଯିବ । କାହାର ଶବ୍ଦ ? ଜ୍ଞାନୀପୁରୁଷଙ୍କର ! ଏହାଦ୍ୱାରା, କାହାକୁ କାହାରି ଉପଦେଶ ହିଁ ନେବାକୁ ପଡ଼ିବ ନାହିଁ ଯେ, ଏଥିରେ ଭୁଲ୍ କାହାର ? ଯିଏ ଭୋଗେ ତା'ର ଭୁଲ୍' । ଏହା ବିଜ୍ଞାନ ଅଟେ। ଏଥିରେ ଗୋଟିଏ ଅକ୍ଷର ମଧ୍ୟ ଭୁଲ୍ ନାହିଁ। ଏହା ସମଗ୍ର ବିଶ୍ୱ ପାଇଁ ଅଟେ। କେବଳ ଭାରତ ପାଇଁ ନୁହେଁ । ଯେଉଁଠି ଏପରି ସ୍ପଷ୍ଟ, ନିର୍ମଳ ନ୍ୟାୟ ଆପଣଙ୍କୁ ଦେଖାଇ ଦେଉଛି, ସେଠାରେ ନ୍ୟାୟ-ଅନ୍ୟାୟର ଭାଗବାଣ୍ଟକରିବା ପାଇଁ କେଉଁଠି ରୁହେ ? ଏହା ବହୁତ୍ ଗହନ କଥା ଅଟେ। ସମସ୍ତ ଶାସ୍ତ୍ରର ସାର ବତାଉଛି। ଏ ତ' ସେଠାକାର ନ୍ୟାୟ କିପରି ଚାଲୁଅଛି, ତାହା ଠିକ୍ ଭାବରେ ବତାଉଛି ଯେ, "ଯିଏ ଭୋଗେ ତାର ଭୁଲ୍"ଏହି ସୂତ୍ର ସଂପୂର୍ଣ୍ଣ ଠିକ୍ ଅଟେ। ଏହାକୁ ଯେ କେହି ବ୍ୟବହାର କରିବ, ତା'ର କଲ୍ୟାଣ ହେବ ।



## ଯୁଧିଷ୍ଠିରଙ୍କ ନିଷ୍ପତ୍ତି



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ପାଣି ଅନ୍ୱେଷଣରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ। ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ ଯେ ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ? ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ।

# ସଫଳତା

ଉତ୍ତମ ସଂସ୍କାର ସବୁବେଳେ ବ୍ୟକ୍ତିକୁ ସଫଳତା ଦେଇଥାଏ । ସଂସ୍କାରକୁ ବ୍ୟକ୍ତିର ମୂଳଦୁଆ କହିଲେ ବି ଭୁଲ୍ ହେବ ନାହିଁ । ସଂସ୍କାରରୁ ହିଁ ଆମର ସ୍ୱଭାବ ବିକଶିତ ହୋଇଥାଏ । ଆଉ ଏହା ଆମ ଦୈନନ୍ଦିନ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ସଂସ୍କାରହୀନ ସ୍ୱଭାବ ଓ ବ୍ୟବହାର ବ୍ୟକ୍ତିକୁ ପ୍ରକୃତ ସଫଳତା ଠାରୁ ଦୂରେଇ ରଖିଥାଏ । ଏହା କେବେବି ବ୍ୟକ୍ତିକୁ ପ୍ରକୃତ ଶାନ୍ତି ପ୍ରଦାନ କରିପାରେ ନାହିଁ । କେବଳ ଶିକ୍ଷାଗତ ଯୋଗ୍ୟତା ବଳରେ ଆମେ ସଫଳତା ପାଇପାରିବା ନାହିଁ । ଜୀବନରେ ଏପରି ଏକ ପର୍ଯ୍ୟାୟ ଆସେ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ସଂସ୍କାରକୁ ଅଧିକ ମହତ୍ୱ ଦିଆଯାଏ । ଆଜିର ଯୁବପିଢ଼ି ସଂସ୍କାରକୁ ଅଧିକ ମହତ୍ୱ ଦେଉ ନାହାନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସଂସ୍କାରର ଆବଶ୍ୟକତା ସବୁଠାରୁ ଅଧିକ ରହିଛି । ଏହା ଆମର ଚରିତ୍ର ଗଠନରେ ସହାୟକ ହୋଇଥାଏ । ଉତ୍ତମ କର୍ମ ହିଁ ଉତ୍ତମ ସଂସ୍କାରର ଫଳ । କେବଳ ସେତିକି ନୁହେଁ ଉତ୍ତମ ଚରିତ୍ର ମଧ୍ୟ ଉତ୍ତମ ସଂସ୍କାରକୁ ଜନ୍ମ ନେଇଥାଏ । ସବୁ ଧର୍ମରେ ସଂସ୍କାରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଆମ ହିନ୍ଦୁଧର୍ମ ଏଣୁ ୧୬



ପ୍ରକାର ସଂସ୍କାର ବିଧି ରହିଛି । ଏହା ବ୍ୟକ୍ତିକୁ ସବୁବେଳେ ଅନ୍ତର୍ଗାମୀ କରାଇଥାଏ । ଯାହାଦ୍ୱାରା ବ୍ୟକ୍ତି ନିଜ ଭିତରେ ରହିଥିବା ପରମାତ୍ମାଙ୍କ ସତ୍ତାକୁ ଅନୁଭବ କରିପାରେ ।

ତିଥି :(ପଞ୍ଚମୀ): (ଦ୍ୱିଜା ମେଷ)
ଅମୃତ ବେଳା: ରାତ୍ରି ଘ ୭।୧୦ ମଧେ ଘ୧୧।୫୮ ଗତେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ବିଶ୍ୱଶକ୍ତି ପ୍ରତିଷ୍ଠାର ପ୍ରୟାସ

ଭାରତ ହେଉଛି ମହାତ୍ମା ଗାନ୍ଧି ଓ ଗୌତମ ବୁଦ୍ଧଙ୍କ ଭୂମି। ଯାହାର ଗୋଟିଏ ମାତ୍ର ବାର୍ତ୍ତା ହେଉଛି ଶାନ୍ତି ମାର୍ଗ। କିର୍ଗିଜିସ୍ତାନର ରାଜଧାନୀ ବିସ୍‌କେଟ୍‌ଠାରେ ଅନୁଷ୍ଠିତ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦ୍‌ମିର ପୁଟିନଙ୍କ ସହ ଭେଟ ବେଳେ ଏକଥା ଦୋହରାଇଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତୀୟ ଉପନିଷଦର ବାର୍ତ୍ତାରେ ସର୍ବଦା ଉଦ୍‌ବୁଦ୍ଧ। ଏହାର ବାର୍ତ୍ତା 'ବସୁଧୈବ କୁଟୁମ୍ବକମ୍'। ଏହି ଅନ୍ତଃସ୍ୱରକୁ ବିଭିନ୍ନ ଭାବରେ ପୁଟିନଙ୍କ ନିକଟରେ ଉପସ୍ଥାପିତ କରି ସେ ଗୁରୁତ୍ୱ ଦେଇଆସୁଛନ୍ତି। ୟୁକ୍ରେନ ସଂକଟ କୂଟନୈତିକ ଆଲୋଚନା ଓ ଶାନ୍ତିପୂର୍ଣ୍ଣ ପନ୍ଥା ଜରିଆରେ ସମାଧାନ ହେବ। ଏହି ଆଶା ପ୍ରକଟ କରିବା ସହିତ ଏପରି ଆଭିମୁଖ୍ୟ ପ୍ରତି ସର୍ବଦା ସମର୍ଥନ ଦେଇଆସିଛନ୍ତି ଶ୍ରୀ ମୋଦି।



ୟୁକ୍ରେନ-ରୁଷ୍ ଯୁଦ୍ଧ ସାଢେ ଚାରିବର୍ଷ ଇତିମଧ୍ୟରେ ଅତିକ୍ରମ କରିଛି। କାହାର ଜୟ ଘଟିଛି ? କାହାର ପରାଜୟ ଘଟିଛି ? ଏ ପ୍ରଶ୍ନ, ଯଥାର୍ଥ ପ୍ରଶ୍ନ ନୁହେଁ। ବରଂ ଯୁଦ୍ଧର ଅନ୍ତ ଏ ବିଶ୍ୱ ଚାହେଁ। ଯୁଦ୍ଧରେ ଉଭୟ ପକ୍ଷରୁ ମୃତ୍ୟୁର ଶିକାର ହୋଇଛନ୍ତି ୧୬ହଜାରରୁ ଅଧିକ ଓ ଆହତ ହୋଇଛନ୍ତି ପ୍ରାୟ ୪୭ ହଜାରରୁ ଅଧିକ। ରୁଷ୍ ହେଉ କି ୟୁକ୍ରେନ ଉଭୟ ପରସ୍ପର ମଧ୍ୟରେ ଡ୍ରୋନ ଯୋଗେ ଭୟାବହ ଆକ୍ରମଣ କରୁଥିବା ଏବେ ସାଧାରଣ ଘଟଣା ହୋଇଗଲାଣି। ଯୁଦ୍ଧ ଚାଲିଥିବା ଏଥିରେ ଏକ ମୋଡ ଭଳି ପ୍ରତୀୟମାନ ହୋଇଛି ଏକ ଘଟଣା। ନିକଟରେ ମସ୍କୋ ସ୍ଥିତ ଏକ ବିମାନ ବନ୍ଦରରେ ଆମେରିକା ବାୟୁସେନାର ଗୋଟିଏ ଯୁଦ୍ଧ ବିମାନ ଲାଟିଭିୟା ଦେଇ ଅବତରଣ କରିଥିଲା। କାହିଁକି ଏ ବିମାନ ରୁଷରେ ଓହ୍ଲାଇଥିଲା ତାହା ଏଯାବତ୍ ରହସ୍ୟଘେରରେ ରହିଛି। ଆଶ୍ଚର୍ଯ୍ୟର ବିଷୟ ଯେ ଉକ୍ତ ବିମାନ ବାବଦ କୌଣସି ସରକାରୀ ତଥ୍ୟ ନ ଥିବା ରୁଷ୍ ପକ୍ଷରୁ କୁହାଗଲା। ଏପରି ନାସ୍ତିବାଚକ ବିବୃତି ରୁଷ ପକ୍ଷେ କେବଳ ନିଜର ଗୋପନୀୟତା ରକ୍ଷାକୁ ପ୍ରକଟିତ କରୁଛି ସିନା ଅନ୍ୟ କିଛି ନୁହେଁ। ୟୁକ୍ରେନ-ରୁଷ ଯୁଦ୍ଧ ବନ୍ଦ ନେଇ କୌଣସି ଗୁପ୍ତ ଆଲୋଚନା କରିବାକୁ ଆମେରିକା ସିଆଇଏ ନିର୍ଦ୍ଦେଶକ ଜେ.ର୍‌ୟାକ୍‌ଫିଲଡ୍ ପ୍ରତିନିଧି ଦଳ ସହ ଆସିଥିଲେ ବୋଲି କୁହାଯାଉଛି। ବାସ୍ତବରେ ରୁଷ ସହ କି ପ୍ରକାର ଆଲୋଚନା ହେଲା ତାହା କେହି ଜାଣନ୍ତି ନାହିଁ। ହୋଇପାରେ ରୁଷ୍ କୌଣସି ଯୁଦ୍ଧାସ୍ତ୍ର ଆମେରିକାରୁ ଆମଦାନି କରୁଥାଇପାରେ। ତେବେ ରୁଷ ୟୁକ୍ରେନକୁ କବ୍‌ଜା କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲିପାରେ ବୋଲି କିଛି ବିଶେଷଜ୍ଞ ଆଲୋଚନା କରୁଛନ୍ତି।ଯଦି ଏପରି ଘଟେ ତେବେ ସାମ୍ରାଜ୍ୟବାଦ ମାନସିକତା କାହା ନିକଟରେ ଅଛି ତାହା ଅନୁମାନ କରାଯାଇପାରେ।

ଇତିହାସ ବାରମ୍ବାର କହିଆସିଛି ଯୁଦ୍ଧ ସର୍ବଦା ଧ୍ୱଂସକାରୀ ଓ ମାନବତା ପ୍ରତି ବିପଦ। ଧ୍ୱଂସ ତଥା ମାନବତା ହନନପୂର୍ବକ ଯେଉଁ ପ୍ରୟାସ କରାଯାଇଥାଏ ତାହା ସଭ୍ୟ ସମାଜ କେବେହେଲେ ଗ୍ରହଣୀୟ ନୁହେଁ। ସୁତରାଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି , ଗାନ୍ଧି ଓ ବୁଦ୍ଧଙ୍କ ତତ୍ତ୍ୱ ପ୍ରକାରେନ୍ତ ଅହିଂସା ତଥା ଶାନ୍ତିର ଉଦ୍‌ଘୋଷଣା ପୂର୍ବକ ପୁଟିନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ବିଶ୍ୱଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ ବୋଲି କହିବାକୁ ହେବ।

# ଯୁବପିଢ଼ିଙ୍କ ପାଇଁ ସଞ୍ଚୟ ଟିପ୍ସ

### ସୁକାନ୍ତ ଛାଟୋଇ

ଆଜିର ଦରଦାମକୁ ଦେଖନ୍ତୁ, ଦିନକୁ ଦିନ ବଜାରର ଭାଉ ଚଢ଼ା ହୋଇ ହୋଇ ଯାଉଛି। କେବଳ ନିମ୍ନମଧ୍ୟବିତ୍ତ ବର୍ଗର ପରିବାର କଥା ନୁହେଁ। ମଧ୍ୟବିତ୍ତ ବର୍ଗମାନେ ମଧ୍ୟ ମାସ ଅଧା ବେଳକୁ ଦରମା ସରିଯାଉଛି। ତେବେ ଆଜିର ଆଲୋଚନାଟି ହେଉଛି ପିଲାମାନଙ୍କର ସଞ୍ଚୟ ବ୍ୟବସ୍ଥାକୁ ନେଇ। କାରଣ ଅନେକ ପିଲା ବେଳେ ବେଳେ ବଦଖର୍ଚ୍ଚୀ ହୋଇଯାଆନ୍ତି।

ପାଠପଢ଼ା ସରିଗଲାଣି ଆଉ ରୋଜଗାର ପାଇଁ ଆପଣ ସଜବାଜ ହେଉଛନ୍ତି କିମ୍ବା ନୂଆ ନୂଆ ଚାକିରି ଜୀବନ ଆରମ୍ଭ କରିଛନ୍ତି ? ଦରମା ହାତକୁ ଆସିଲେ ଆମର ଖର୍ଚ୍ଚ କରିବାର ଇଚ୍ଛା ଓ ଆକାଂକ୍ଷା ବି ବଢ଼ିଯାଏ। ପୋଷାକପତ୍ର ଠାରୁ ଆରମ୍ଭ କରି ନାନା ସୌଖୀନ ଜିନିଷ କିଣିବାକୁ ମନ ବଳେ। ହେଲେ ଏସବୁ ଭିତରେ ଆମକୁ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିବା ନିହାତି ଜରୁରୀ। ଆସନ୍ତୁ ନିଜ ଆୟବ୍ୟୟକୁ ସନ୍ତୁଳିତ କରିବା ଦିଗରେ କିଛି ଚର୍ଚ୍ଚା କରିବା।

ଆଜିର ଅର୍ଥନୀତି ହେଉଛି ଡିଜିଟାଲ ଯୁଗ। କ୍ରେଡ଼ିଟ କାର୍ଡ଼ ବଦଳରେ ନଗଦ ଟଙ୍କା ଦିଅନ୍ତୁ। ଆଜିକାଲି ଅତି ସହଜରେ କ୍ରେଡିଟ କାର୍ଡ଼ ମିଳିଯାଉଛି। କେତେକ ଷ୍ଟାଟସ ପାଇଁ ଓ ଆଉ କେତେକ ଖର୍ଚ୍ଚ ଲାଗି କ୍ରେଡିଟ କାର୍ଡ଼ ନେଇଯାନ୍ତି। କିନ୍ତୁ ସଞ୍ଚୟ କରିବାକୁ ହେଲେ କିମ୍ବା ଖର୍ଚ୍ଚ କାଟ କରିବାକୁ ହେଲେ କିଣାକିଣି ନଗଦ ଟଙ୍କାରେ ହିଁ କରନ୍ତୁ ଏହା ସବୁଠାରୁ ଭଲ। ଆବଶ୍ୟକସ୍ଥଳେ ଡେବିଟ କାର୍ଡ଼ ବ୍ୟବହାର କରିପାରନ୍ତି। ଏହା ଖର୍ଚ୍ଚ ଉପରେ କିଛି ପରିମାଣର ଲଗାମ ରଖେ। ଅନ୍ୟପକ୍ଷରେ କ୍ରେଡିଟ କାର୍ଡ଼ ଏକ ପ୍ରକାର ଋଣ, ଯାହା ପାଇଁ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ପୁଣି ଶୁଝିବା ଅବଧି ଗଡ଼ିଲେ ସୁଧ ବଢ଼େ। ତେଣୁ ଅତି ଜରୁରୀ କାମରେ ହିଁ ଏହାର ବ୍ୟବହାର କରିବା ଉଚିତ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ୟକ୍ତିଗତ ସଞ୍ଚୟ ପାଇଁ ନିଜେ ଶିକ୍ଷିତ ହୁଅନ୍ତୁ । ଆର୍ଥିକ ସ୍ୱଚ୍ଛଳ ବନିବାର ଚାବିକାଠି ସଂପୂର୍ଣ୍ଣ ଭାବେ ଆପଣଙ୍କ ହାତରେ। ଏଣୁ ବଜାର ବିଶେଷଜ୍ଞଙ୍କ ପ୍ରଦତ୍ତ ଟିପ୍ସ ପଢ଼ନ୍ତୁ। ବ୍ୟକ୍ତିଗତ ଅର୍ଥନୀତି ସମ୍ବନ୍ଧିତ ମୌଳିକ ପୁସ୍ତକଟିଏ ଅବଶ୍ୟ ପଢ଼ନ୍ତୁ। ଥରେ ଏ ବିଷୟରେ ଜ୍ଞାନ ହୋଇଗଲେ ଆର୍ଥିକ ଶୃଙ୍ଖଳା ଆସିବା ସହ ସଞ୍ଚୟ ଅଭ୍ୟାସ ହୋଇଯିବ। ଏହା ସହିତ ବଦ୍‌ଖର୍ଚ୍ଚ କରିବାକୁ ପ୍ରବର୍ତ୍ତାଉଥିବା ଲୋକମାନଙ୍କ ଠାରୁ ଦୂରେଇ ରହନ୍ତୁ। ଏସବୁ ପରେ ବି ଯଦି ଆପଣ ସଞ୍ଚୟ କରିପାରୁ ନାହାନ୍ତି ତେବେ କୌଣସି ଅଧିକ ବିଶେଷଜ୍ଞ ଠାରୁ ପରାମର୍ଶ ନେଇପାରିବେ।

ନିଜ ଘରର ବଜେଟକୁ ସନ୍ତୁଳନରେ ରଖିବାକୁ ଚାହୁଁଥିଲେ ବଜେଟ ପ୍ଲାନ କରିବା ଶିଖନ୍ତୁ। ଓଡ଼ିଆରେ କଥନିକାଟିଏ ଅଛି ଯେତିକି ଚୁନା, ସେତିକି ପିଠା। ଅର୍ଥାତ୍ ଯେତିକି ଆୟ ସେତିକି ବ୍ୟୟ। ଏ ଦୃଷ୍ଟିରୁ ଆମକୁ ଦୁଇଟି ନିୟମ ମାନିବାକୁ ହେବ। ପ୍ରଥମ ଖର୍ଚ୍ଚକୁ ଆୟଠାରୁ ଅଧିକ ହେବାକୁ ଦିଅନ୍ତୁ ନାହିଁ। ଏବଂ ଦ୍ୱିତୀୟ ଆପଣ କେଉଁଠି କିପରି ଖର୍ଚ୍ଚ କରୁଛନ୍ତି ତାହା ଉପରେ ଧ୍ୟାନ ଦିଅନ୍ତୁ। ଏଥିପାଇଁ ଏକ ସହଜ ଉପାୟ ହେଉଛି ମାସିକ ବଜେଟିଏ କରିନିଅନ୍ତୁ। ଏହାଦ୍ୱାରା ନିଜର ଓ ପାରିବାରିକ ଖର୍ଚ୍ଚର ଏକ ରେକର୍ଡ଼ ରଖିପାରିବେ ଏବଂ ଖର୍ଚ୍ଚ ନିୟନ୍ତ୍ରଣ ହୋଇପାରିବ।

ଘରେ ବା ବନ୍ଧୁବାନ୍ଧବ ବା ଆଖପାଖର ମଣିଷମାନଙ୍କ ପାଇଁ ବେଳେ ବେଳେ ଅଭାବ, ଅସୁବିଧା ଦେହପା ଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପାଇଁ ସବୁଠାରୁ ଭଲ ଏମର୍ଜେନ୍ସି ଫଣ୍ଡ ଆରମ୍ଭ କରନ୍ତୁ । ଜରୁରୀ ପରିସ୍ଥିତି ଓ ନିଜର ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବା ନିହାତି ଆବଶ୍ୟକ। ଏହି ସରଳ ଅଭ୍ୟାସ ଆପଣଙ୍କୁ ଆର୍ଥିକ ଅସୁବିଧାରୁ ଦୂରେଇ ରଖିବ ଏବଂ ରାତିରେ ଭଲ ନିଦରେ ଶୋଇବାରେ ମଧ୍ୟ ସାହାଯ୍ୟ କରିବ। ଏପରିକି ଟାଣଟୁଣ ବଜେଟରେ ଥିବା ଲୋକମାନେ ପ୍ରତି ମାସରେ ଏକ ଜରୁରୀ ପାଣ୍ଠି କରି କିଛି ଟଙ୍କା ସାଇତିବା ଉଚିତ। ଥରେ ଏପରି ଅଭ୍ୟାସରେ ପଡ଼ିଗଲେ, ଯାବତୀୟ ଆନବଶ୍ୟକ ଖର୍ଚ୍ଚ ବନ୍ଦ ହେବ ଏବଂ ଏହାକୁ ଆପଣ ଗୁରୁତ୍ୱ ଦେବା ଆରମ୍ଭ କରିବେ। ଆପଣ ଚାହିଁଲେ ବ୍ୟାଙ୍କରେ ସ୍ୱଳ୍ପ ଅବଧିଯୁକ୍ତ ସଞ୍ଚୟ ବା ଆରଡ଼ି, ସିଡ଼ି ଆଦି କରିପାରିବେ।

ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ସଞ୍ଚୟ ଯୋଜନା ଅଛି। ସେମାନେ ଏହାର ସହଜ ଲାଭ ନେଇପାରନ୍ତି। ଏହାଦ୍ୱାରା ସେମାନଙ୍କର ଭବିଷ୍ୟତ ଏବଂ କୌଣସି ଭବିଷ୍ୟତର ସ୍ୱପ୍ନ ଥିଲେ ତାହାଦ୍ୱାରା ପୂରଣ କରିପାରିବେ। ବଡ଼କଥା ହେଉଛି ଆମ ଭାରତୀୟ ପାରିବାରିକ ବ୍ୟବସ୍ଥାରେ ସଞ୍ଚୟ ଏକ ଭଲ ଅଭ୍ୟାସ। ତେଣୁ ଯୁବପିଢ଼ି ସଞ୍ଚୟ କରିବା ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇଥାଏ।

ପୋପରଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧

# ପୁଞ୍ଜିପତିଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ !

### ଅସିତ ମହାନ୍ତି

**"ସୁଭାଷ ଚନ୍ଦ୍ର ଏବଂ ମୁକେଶ ଅମ୍ବାନୀଙ୍କ ମଧ୍ୟରେ ସଂଘର୍ଷ ଭାରତୀୟ ପୁଞ୍ଜିବାଦର ସଙ୍କଟକୁ ପ୍ରତିଫଳିତ କରେ। ଏହା ଦର୍ଶାଏ ଯେ ପୁଞ୍ଜିବାଦ କେବଳ ବାହ୍ୟ ଚ୍ୟାଲେଞ୍ଜ ସହିତ ନୁହେଁ ବରଂ ନିଜର ଆଭ୍ୟନ୍ତରୀଣ ବିରୋଧାଭାସ ସହିତ ମଧ ସଂଘର୍ଷ କରୁଛି। ଯେତେବେଳେ ବଡ଼ ବ୍ୟବସାୟୀମାନେ ନିଜ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଗଣମାଧ୍ୟମ ଏବଂ ରାଜନୀତିକୁ ବ୍ୟବହାର କରନ୍ତି, ସେତେବେଳେ ଗଣତନ୍ତ୍ର ଏବଂ ନ୍ୟାୟର ମୂଳଦୁଆ ଦୋହଲିଯାଏ।**

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତୀୟ ଅର୍ଥନୀତିରେ ଘଟିଥିବା ସବୁଠାରୁ ଆକର୍ଷଣୀୟ ଏବଂ ଗଭୀର ଘଟଣାଗୁଡ଼ିକ ମଧ୍ୟରେ ସୁଭାଷ ଚନ୍ଦ୍ର ଏବଂ ମୁକେଶ ଅମ୍ବାନୀଙ୍କ ମଧ୍ୟରେ ସଂଘର୍ଷ ରହିଛି। ଏହା କେବଳ ଦୁଇ ପ୍ରମୁଖ ଶିଳ୍ପପତିଙ୍କ ମଧ୍ୟରେ ଏକ ବ୍ୟକ୍ତିଗତ ସଂଘର୍ଷ ନୁହେଁ, ବରଂ ଭାରତୀୟ ପୁଞ୍ଜିବାଦ ଯେଉଁ ଗଭୀର ସଙ୍କଟରେ ପଡୁଛି ତାହାର ଏକ ସଙ୍କେତ।

ପ୍ରତିଦ୍ୱନ୍ଦ୍ୱିତାର ପୃଷ୍ଠଭୂମି- ପ୍ରକୃତ କଥା ହେଉଛି ସୁଭାଷ ଚନ୍ଦ୍ର ବ୍ୟକ୍ତିଗତ ଭାବରେ ୨୨,୦୦୦ କୋଟି ଋଣ ନେଇ ନ ଥିଲେ। ଏହି ପରିମାଣ ହେଉଛି ଏସେଲ ଗ୍ରୁପ୍ ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ପାଇଁ ସେ ଦେଇଥିବା ବ୍ୟକ୍ତିଗତ ଗ୍ୟାରେଣ୍ଟିର ମୋଟ ମୂଲ୍ୟ। ଏନ୍‌ସିଏଲ୍‌ଟି ତାଙ୍କ ବିରୋଧରେ ଦାଖଲ ହୋଇଥିବା ଦାବିଗୁଡ଼ିକୁ ଗ୍ରହଣ କରିଥିଲା ଏବଂ ଶେଷରେ କେବଳ ୬.୫ କୋଟିର ପେମେଣ୍ଟ ଯୋଜନାକୁ ଅନୁମୋଦନ କରିଥିଲା। ଫଳରେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ପ୍ରାୟ ୯୯.୯୭% କ୍ଷତି ହୋଇଥିଲା।

ମାମଲାର ଉତ୍ପତ୍ତି: ୨୦୧୬ରେ, ଇଣ୍ଡିଆବୁଲ୍ସ ହାଉସିଂ ଫାଇନାନ୍ସ (ବର୍ତ୍ତମାନ ସମ୍ମାନ କ୍ୟାପିଟାଲ) ବିବେକ ଇନଫ୍ରାକନକୁ ୧୭୦ କୋଟି ଋଣ ପ୍ରଦାନ କରିଥିଲା। ସୁଭାଷ ଚନ୍ଦ୍ର ବ୍ୟକ୍ତିଗତ ଗ୍ୟାରେଣ୍ଟର ଭାବରେ ସ୍ୱାକ୍ଷର କରିଥିଲେ। ଯେତେବେଳେ କମ୍ପାନୀ ଋଣ ପରିଶୋଧ କରିବାରେ ବିଫଳ ହୋଇଥିଲା, ସେତେବେଳେ ଗ୍ୟାରେଣ୍ଟି ଆବେଦନ କରାଯାଇଥିଲା ଏବଂ ମାମଲା ନ୍‌ସିଏଲ୍‌ଟି ରେ ପହଞ୍ଚିଥିଲା।

ଋଣ ବୃଦ୍ଧି ପାଇଲା: ୨୦୨୪ ସୁଦ୍ଧା, ୨୩ ଜଣ ଭିନ୍ନ ଋଣଦାତା ଆଗକୁ ଆସିଥିଲେ ଏବଂ ମୋଟ ଦାବି ୨୨,୦୦୬ କୋଟିରେ ପହଞ୍ଚିଥିଲା। ଏହି ପରିମାଣ ଚନ୍ଦ୍ରା ବିଭିନ୍ନ ଏସେଲ ଗ୍ରୁପ୍ କମ୍ପାନୀ ପାଇଁ ଦେଇଥିବା ସମସ୍ତ ଗ୍ୟାରେଣ୍ଟିର ସମଷ୍ଟି ଥିଲା। ଏନ୍‌ସିଏଲ୍‌ଟି ନିଷ୍ପତ୍ତି: ଅଗଷ୍ଟ ୨୦୨୬ ରେ, ଏନ୍‌ସିଏଲ୍‌ଟି ଚନ୍ଦ୍ରାଙ୍କ ଯୋଜନାକୁ ଅନୁମୋଦନ କରିଥିଲା, ଯେଉଁଥିରେ ଋଣଦାତାଙ୍କୁ କେବଳ ୬.୨୫ କୋଟି ଏବଂ ପ୍ରକ୍ରିୟାକରଣ ଖର୍ଚ୍ଚ ପାଇଁ ୨୫ ଲକ୍ଷ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହା ମୋଟ ୬.୫ କୋଟି ଥିଲା। ୮୦.୮୧% ଭୋଟିଂ ସେୟାର ଥିବା ଋଣଦାତାମାନେ ଏଥିରେ ସହମତ ହୋଇଥିଲେ, ଯେତେବେଳେ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଏବଂ କିଛି ଅନ୍ୟ ବ୍ୟାଙ୍କ ଏହାକୁ ଦୃଢ଼ ବିରୋଧ କରିଥିଲେ।

ସୁଭାଷ ଚନ୍ଦ୍ରଙ୍କ ମତ - ସେ କହିଥିଲେ ଯେ ୨୨,୦୦୦ କୋଟି ତାଙ୍କର ବ୍ୟକ୍ତିଗତ ଋଣ ନୁହେଁ, ବରଂ କେବଳ ଗ୍ୟାରେଣ୍ଟି ପରିମାଣ। ତାଙ୍କ ଅନୁଯାୟୀ, ଆପତ୍ତି କରୁଥିବା ଋଣଦାତାଙ୍କ ପ୍ରକୃତ ଦାବି ପ୍ରାୟ ୩,୯୯୨କୋଟି ଥିଲା, ଯାହା ମଧ୍ୟରୁ ୬୨୦ କୋଟି ପୂର୍ବରୁ ପରିଶୋଧ କରାଯାଇସାରିଛି । ବାକି ପରିମାଣ ସମାଧାନ ଅଧୀନରେ ଥିଲା। ସେ ଏହା ମଧ ଦାବି କରିଥିଲେ ଯେ ଇସେଲେ ଗ୍ରୁପ୍ ୨୦୧୯ ପରଠାରୁ ପ୍ରାୟ ୪୩,୦୦୦କୋଟି ଋଣ ପରିଶୋଧ କରିଛି, କେବଳ ୨୦୦୦କୋଟି ବାକି ଅଛି।

ବିବାଦ ଏବଂ ସମାଲୋଚନା - ଋଣଦାତାଙ୍କ ଅସନ୍ତୋଷ: ଅନେକ ବ୍ୟାଙ୍କ କହିଛନ୍ତି ଯେ ଏତେ ବଡ଼ ପରିମାଣର ଋଣ ପାଇଁ ୬.୫ କୋଟି ଦେୟ ଅନୁଚିତ ଥିଲା। ଉଦାହରଣ ସ୍ୱରୂପ, ଖଓଉ ହାଉସିଂ ଫାଇନାନ୍ସର ଦାବି ୧,୩୨୨ କୋଟି ଥିଲା, କିନ୍ତୁ ସେମାନଙ୍କୁ କେବଳ ୩୮ ଲକ୍ଷ ପାଇବାକୁ ଥିଲା। ଗଣମାଧ୍ୟମ ଉପସ୍ଥାପନା: ଅନେକ ଚ୍ୟାନେଲ ଏହି ଘଟଣାକୁ ଚାଞ୍ଚଲ୍ୟକର କରି କହିଥିଲେ ଯେ ୨୨,୦୦୦ କୋଟି ଟଙ୍କାର ଋଣ ମାତ୍ର ୬.୫ କୋଟିରେ ସମାଧାନ କରାଯାଇଥିଲା, ଯାହା ସାଧାରଣରେ ଏପରି ଧାରଣା ସୃଷ୍ଟି କରିଥିଲା ଯେ ଚନ୍ଦ୍ରା ଏକ ବିପୁଳ ପରିମାଣର ଋଣ ଛାଡ କରିଛନ୍ତି। ଚନ୍ଦ୍ରା ଦାବି କରନ୍ତି ଯେ ଏହା ମିଥ୍ୟା ଏବଂ ଭ୍ରାମକ।

ସୁଭାଷ ଚନ୍ଦ୍ର ଅଭିଯୋଗ କରିଛନ୍ତି ଯେ ଏହି ସମ୍ପୂର୍ଣ୍ଣ କାହାଣୀ ଅମ୍ବାନୀ-ନିୟନ୍ତ୍ରିତ ଗଣମାଧ୍ୟମ ଦ୍ୱାରା ତାଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବା ଏବଂ ଅମ୍ବାନୀଙ୍କ ଜୀ ଏଣ୍ଟରଟେନମେଣ୍ଟକୁ ହାତେଇବାକୁ ସାହାଯ୍ୟ କରିବା ପାଇଁ କରାଯାଇଥିଲା। ସେ ଏପରିକି କହିଥିଲେ ଯେ ୨୦୧୯ ମସିହାରେ ଅମ୍ବାନୀ ତାଙ୍କୁ ପରାମର୍ଶ ଦେଇଥିଲେ, 'ବ୍ୟାଙ୍କଗୁଡ଼ିକର ଟଙ୍କା ଫେରସ୍ତ କର ନାହିଁ, କେହି କରେ ନାହିଁ।' ଅନ୍ୟପକ୍ଷରେ, ରିଲାଏନ୍ସ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଖାରଜ କରିଦେଇଥିଲା ଏବଂ କହିଥିଲା ଯେ ଏହାର ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ କୌଣସି ବ୍ୟକ୍ତିବିଶେଷଙ୍କୁ ଆକ୍ରମଣ କରିବା ପାଇଁ ବ୍ୟବହାର କରାଯାଏ ନାହିଁ। ଏହି ଦ୍ୱନ୍ଦ୍ୱ କେବଳ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ନୁହେଁ। ଏହା ପୁଞ୍ଜିବାଦର କ୍ରମାଗତ ଭାବରେ ଫସି ରହିଥିବା ସାଂରଚନିକ ସଙ୍କଟର ପ୍ରତୀକ। ଋଣ ଏବଂ ଦେବାଳିଆ ସଙ୍କଟ: ଯେତେବେଳେ ବଡ଼ ଶିଳ୍ପପତିମାନେ ସେମାନଙ୍କର ଋଣ ପ୍ରାୟତଃ ଛାଡ଼ ପାଆନ୍ତି, ଏହା ବ୍ୟାଙ୍କିଂ ବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ପ୍ରତି ଏକ ଘୋର ଅନ୍ୟାୟ। ସାଧାରଣ ଲୋକ ଛୋଟ ଛୋଟ ଋଣ ସହିତ ମଧ ସଂଘର୍ଷ କରନ୍ତି, ଯେତେବେଳେ ବଡ଼ ପୁଞ୍ଜିପତିମାନେ କୋଟି କୋଟି ଋଣରୁ ଦୂରେଇ ଯାଆନ୍ତି। ଗଣତାନ୍ତ୍ରିକ ଗଣମାଧ୍ୟମର ନିୟନ୍ତ୍ରଣ: ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ବିବେଚିତ ଗଣମାଧ୍ୟମ ଏବେ ବଡ଼ କର୍ପୋରେଟ୍ ହାଉସ୍ ହାତରେ। ଯେତେବେଳେ ଗଣମାଧ୍ୟମକୁ ଜଣେ ଶିଳ୍ପପତିଙ୍କ ବିରୋଧରେ କିମ୍ବା ସପକ୍ଷରେ ବ୍ୟବହାର କରାଯାଏ, ଏହା ପୁଞ୍ଜିବାଦ ଭିତରେ ଥିବା ବିରୋଧାଭାସକୁ ପ୍ରକାଶ କରେ। କର୍ପୋରେଟ୍ ଏକାଧିକାର: ରିଲାଏନ୍ସ ଭଳି ବଡ଼ କମ୍ପାନୀଗୁଡ଼ିକ ଗଣମାଧ୍ୟମ, ଟେଲିକମ୍, ମନୋରଞ୍ଜନ ଏବଂ ଶକ୍ତି କ୍ଷେତ୍ରରେ ସେମାନଙ୍କର ପ୍ରାଧାନ୍ୟ ବୃଦ୍ଧି କରୁଛନ୍ତି। ଏହା କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପପତିଙ୍କ ପାଇଁ ବଞ୍ଚିବା କ୍ରମଶଃ କଷ୍ଟକର କରୁଛି। ଏହି ଦ୍ୱନ୍ଦ୍ୱର ପ୍ରଭାବ କେବଳ କର୍ପୋରେଟ୍ ଜଗତ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ସିଧାସଳଖ ସମାଜ ଏବଂ ରାଜନୀତିକୁ ପ୍ରଭାବିତ କରେ। ଯେତେବେଳେ ବଡ଼ ଶିଳ୍ପପତିମାନେ ପରସ୍ପର ମଧ୍ୟରେ ସଂଘର୍ଷ କରନ୍ତି, ସାଧାରଣ ଲୋକମାନେ ଏହାର ପରିଣାମ ଭୋଗ କରନ୍ତି। ବ୍ୟାଙ୍କିଂ ବ୍ୟବସ୍ଥା ଅସ୍ଥିର ହୋଇଯାଏ, ନିଯୁକ୍ତି ପ୍ରଭାବିତ ହୁଏ ଏବଂ ଆର୍ଥିକ ଅସମାନତା ବୃଦ୍ଧି ପାଏ। ମାର୍କ୍ସବାଦୀ ଦୃଷ୍ଟିକୋଣରୁ, ପୁଞ୍ଜିବାଦର ସବୁଠାରୁ ବଡ଼ ବିରୋଧାଭାସ ହେଉଛି ଯେ ଏହା ନିଜ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରେ। ଗୋଟିଏ ପଟେ, ପୁଞ୍ଜିବାଦୀ ଶ୍ରେଣୀ ମଧ୍ୟରେ କ୍ଷମତା ଏବଂ ସମ୍ବଳ ପାଇଁ ସଂଘର୍ଷ ହେଉଛି, ଅନ୍ୟପଟେ ସାଧାରଣ ଲୋକମାନେ ଶୋଷଣ ଏବଂ ଅସମାନତାର ଶିକାର ହୁଅନ୍ତି।



ସୁଭାଷ ଚନ୍ଦ୍ର ଏବଂ ମୁକେଶ ଅମ୍ବାନୀଙ୍କ ମଧ୍ୟରେ ସଂଘର୍ଷ ଭାରତୀୟ ପୁଞ୍ଜିବାଦର ସଙ୍କଟକୁ ପ୍ରତିଫଳିତ କରେ। ଏହା ଦର୍ଶାଏ ଯେ ପୁଞ୍ଜିବାଦ କେବଳ ବାହ୍ୟ ଚ୍ୟାଲେଞ୍ଜ ସହିତ ନୁହେଁ ବରଂ ନିଜର ଆଭ୍ୟନ୍ତରୀଣ ବିରୋଧାଭାସ ସହିତ ମଧ ସଂଘର୍ଷ କରୁଛି। ଯେତେବେଳେ ବଡ଼ ବ୍ୟବସାୟୀମାନେ ନିଜ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଗଣମାଧ୍ୟମ ଏବଂ ରାଜନୀତିକୁ ବ୍ୟବହାର କରନ୍ତି, ସେତେବେଳେ ଗଣତନ୍ତ୍ର ଏବଂ ନ୍ୟାୟର ମୂଳଦୁଆ ଦୋହଲିଯାଏ।

ତେଣୁ ଏହା କହିବା ଯଥାର୍ଥ ଯେ ଭାରତୀୟ ପୁଞ୍ଜିବାଦ ଆଜି ଏକ ଗଭୀର ସଙ୍କଟରେ ଅଛି - ଯେଉଁଠାରେ ଗୋଟିଏ ପଟେ କର୍ପୋରେଟ୍ ହାଉସଗୁଡ଼ିକ କ୍ଷମତା ଏବଂ ସମ୍ବଳ ପାଇଁ ନିଜ ନିଜ ମଧ୍ୟରେ ଲଢୁଛନ୍ତି, ଅନ୍ୟପଟେ ସାଧାରଣ ଲୋକମାନେ ଆର୍ଥିକ ଅସମାନତା ଏବଂ ଅନ୍ୟାୟର ବୋଝ ବହନ କରୁଛନ୍ତି। ଏହା ହେଉଛି ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଯାହା ଧୀରେ ଧୀରେ ପୁଞ୍ଜିବାଦକୁ ଭିତରୁ କ୍ଷୟ କରୁଛି।

ସୁଜନପୁର, ଯାଜପୁର
ମୋ- ୯୪୩୭୨୮୮୦୨୮

# ପନିପରିବା ଦାମ ଆକାଶଛୁଆଁ କାହିଁକି ?

### ସୁବାସ ଷଡଙ୍ଗୀ

**"ବର୍ଷା ଓ ବନ୍ୟା ଉପରେ କାହାର ନିୟନ୍ତ୍ରଣ ନାହିଁ। ତା ଛଡ଼ା ପ୍ରତିବର୍ଷ ମୌସୁମି ବର୍ଷା ପରେ ବନ୍ୟାହୁଏ। ସରକାର ବା ପ୍ରଶାସନ ପକ୍ଷରୁ ଯେଉଭଳି ସତର୍କତା ପଦକ୍ଷେପ ନିଆଯିବା କଥା, ତାହା ହୋଇପାରିଲା ନାହିଁ। ଫଳରେ ବଜାରରେ ଯୋଗାଣ ଓ ଚାହିଦା ମଧ୍ୟରେ ଭାରସାମ୍ୟ ରହିପାରିଲା ନାହିଁ। ୨୦୨୫ ମସିହାରେ ଯେତେବେଳେ ଆମ ରାଜ୍ୟରେ ଆଳୁସଂକଟ ଦେଖା ଦେଲା, ସେତେବେଳେ ଉଭୟେ ଯୋଗାଣ ଓ କୃଷିମନ୍ତ୍ରୀ କହିଥିଲେ, ଆମେ ଆସନ୍ତା ବର୍ଷଠାରୁ ଚାଷରେ ଆତ୍ମନିର୍ଭରଶୀଳ ହୋଇଯିବୁ କାହା ଉପରେ ନିର୍ଭର କରିବୁ ନାହିଁ।ରାଜ୍ୟରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବୁ। ଏଣୁ ଚାଷୀ ତାର ସମୁଚିତ ଦାମ୍ ପାଇବ ଓ ଲୋକ ଠିକ ଦାମରେ ଜିନିଷ କିଣି ପାରିବେ। କିନ୍ତୁ କ'ଣ ହେଲା, ଆମେ ଦେଖୁଛେ।**

ଓଡିଶାର କେବଳ ବଡ ବଡ ସହର ନୁହେଁ, ଛୋଟ ବଡ ସବୁ ଜାଗାରେ ସବୁଜ ପନିପରିବାର ଦାମ ଆକାଶଛୁଆଁ। ବଡ ସହର କଥା ଛାଡ, ଛୋଟ ସହର ଏପରିକି ଗାଁ ଗୁଡିକରେ ପରିବାର ଆକାଶଛୁଆଁ ଦାମ ଦିନକୁ ଦିନ ବଢି ଚାଲିଥିବାରୁ ସାଧାରଣ ଖାଉଟିଙ୍କ ଚିନ୍ତା ବଢିଛି। ଆଗରୁ ନଭେମ୍ବର-ଡିସେମ୍ବର ମାସରେ ଆଳୁପିଆଜର ଦାମ ବଢୁଥିଲା। କିନ୍ତୁ ଏବେ ପନିପରିବା ଦରବୃଦ୍ଧି ଆଳୁ ପିଆଜର ଦରବୃଦ୍ଧିକୁ ଟପିଯାଇଛି।

ବଜାରରେ ପନିପରିବାର ଦରବୃଦ୍ଧି ପଛରେ ଅନେକ କାରଣ ରହିଛି। ଅତ୍ୟଧିକ ବର୍ଷା, ଅନିୟମିତ ପାଣିପାଗ, ଫସଲ ନଷ୍ଟ ଓ ଯୋଗାଣ କମିବା ଯୋଗୁଁ ଏଥରକ ସବୁଜ ପନିପରିବା ଦର ଅସମୟରେ ବଢିଛି। ଏହା ସହିତ ପରିବହନ ଖର୍ଚ୍ଚ ମଧ୍ୟ ବଢିଛି। ସବୁଠାରୁ ବଡ଼ କାରଣ ହେଲା, ଦଲାଲ ବ୍ୟବସାୟୀଙ୍କ ବଦମାସି। ସେମାନଙ୍କ ପାଇଁ ବଜାରରେ ଯୋଗାଣ ଓ ଚାହିଦାରେ ଏକ ବଡ ଫରକ।

ଚଳିତ ବର୍ଷ ପାଣିପାଗବାଲାଙ୍କ ପରାମର୍ଶ ଥିଲା, ଏଲନିନୋର ପ୍ରଭାବ ଫଳରେ କମ ବର୍ଷା ହେବ। ଏଣୁ ମରୁଡି ଜନିତ ପରିସ୍ଥିତି ଦେଖାଦେବ। କିନ୍ତୁ ଦେଖାଗଲା ଜୁଲାଇ-ଅଗଷ୍ଟ ମାସରେ ଅଧିକ ବର୍ଷା ହୋଇଛି। ସମଗ୍ର ରାଜ୍ୟର ହିସାବ ଯଦି କରାଯାଏ, ତେବେ ଜୁଲାଇ ମାସରେ ସ୍ୱାଭାବିକ ବର୍ଷାର ପରିମାଣ ହେଉଛି, ୩୩୮ ମି.ମି। ସେଇପରି ଅଗଷ୍ଟ ମାସରେ ହେବାକଥା ୩୫୬ ମି.ମି। ଅର୍ଥାତ୍, ଜୁଲାଇ ଓ ଅଗଷ୍ଟ ମାସରେ ସାଧାରଣ ବର୍ଷାର ପରିମାଣ ପ୍ରାୟ ୬୯୪ ମିଲିମିଟର।

ଚଳିତ ଜୁଲାଇ ମାସରେ ସ୍ୱାଭାବିକଠାରୁ ପ୍ରାୟ ଶତକଡା ୯୧ ଭାଗ ଅଧିକ ବର୍ଷା ହୋଇଥିଲା। ଅଗଷ୍ଟ ମାସ ଶେଷ ସପ୍ତାହ ସୁଦ୍ଧା ବର୍ଷାର ପରିମାଣ ଥିଲା୩୪୭.୭ ମି.ମି। ଏହା ସ୍ୱାଭାବିକ ବର୍ଷାଠାରୁ ୨୯୮.୬ ମି.ମି ଅଧିକ। ଜୁନ ୧ ତାରିଖରୁ ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ୧୧୦୩.୯ ମି.ମି ବର୍ଷା ହୋଇଛି। ସାଧାରଣ ଭାବରେ ଏଇ ସମୟରେ ୮୪୩ ମି.ମି. ବର୍ଷା ହେବା କଥା।

ଏତେ ପରିମାଣରେ ବର୍ଷା ହେବ ବୋଲି କାହାର ଧାରଣା ନ ଥିଲା। ଏ ସମ୍ପର୍କରେ ପାଣିପାଗ ବିଭାଗର ସଠିକ ସୂଚନା ନ ଥିଲା। ଅତ୍ୟଧିକ ବର୍ଷା ହେବା ଫଳରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର ଭଳି ଜିଲ୍ଲାରେ ସବୁଠୁ ଅଧିକ ବର୍ଷା ହେଲା। ଯାହାର ପ୍ରଭାବରେ ସେଠାରେ ବନ୍ୟା ହେଲା। ଯାଜପୁର, ଭଦ୍ରକ ଓ କେନ୍ଦୁଝର ବିଭିନ୍ନ ଅଂଚଳରେ ପନିପରିବା ଚାଷ ଅଧିକ ହୁଏ। ଅଧିକ ବର୍ଷା ଓ ବନ୍ୟା ଫଳରେ ପନିପରିବା ଚାଷ ଉଜୁଡିଗଲା। ଚାଷୀ ଠିକ ଭାବେ ନିଜ ଚାଷକୁ ରକ୍ଷା କରିପାରିଲା ନାହିଁ।

ଦ୍ୱିତୀୟ ଦଫାରେ ମହାନଦୀରେ ବନ୍ୟା ହେଲା। ମହାନଦୀ ବିଭିନ୍ନ ଅବବାହିକାରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୁଏ। ବିଶେଷ କରି ସମ୍ବଲପୁର, ବାଙ୍କି, ଆଠଗଡ, ଜଗତସିଂହପୁର ଭଳି ଜିଲ୍ଲାରେ ପନିପରିବା ଚାଷ ଅଧିକ ହୁଏ। କଟକର ମହାନଦୀ ଡେଲ୍‌ଟା ଅଂଚଳ ପରିବା ଚାଷ ପାଇଁ ପ୍ରଖ୍ୟାତ। ଏଠାରୁ ଓଡ଼ିଶାର ବିଭିନ୍ନ ଭାଗକୁ ପରିବା ଯାଏ। ଯାଜପୁରର ବରୀ, ରସୁଲପୁର, ବଡଚଣା, ସୁବର୍ଣ୍ଣପୁରର ବିନିକା ଓ ବଉଦ ଅଞ୍ଚଳର ବିଭିନ୍ନ ଅବବାହିକାରେ ପରିବା ଚାଷ ଅଧିକ ହୁଏ। ଉପକୂଳବର୍ତ୍ତୀ ଜିଲ୍ଲାରୁ ବିଭିନ୍ନ ଅଞ୍ଚଳକୁ ପରିବା ପଠାଯାଏ। ମାତ୍ର ଚଳିତ ବର୍ଷ ବର୍ଷା ଓ ବନ୍ୟାଫଳରେ ପରିବା ଫସଲ ଉଜୁଡିଗଲା।



ଅନେକ ଯୁକ୍ତି କରିପାରନ୍ତି, ବର୍ଷା ଓ ବନ୍ୟା ଉପରେ କାହାର ନିୟନ୍ତ୍ରଣ ନାହିଁ। ତା ଛଡା ପ୍ରତିବର୍ଷ ମୌସୁମି ବର୍ଷା ପରେ ବନ୍ୟାହୁଏ। ସରକାର ବା ପ୍ରଶାସନ ପକ୍ଷରୁ ଯେଉଭଳି ସତର୍କତା ପଦକ୍ଷେପ ନିଆଯିବା କଥା, ତାହା ହୋଇପାରିଲା ନାହିଁ। ଫଳରେ ବଜାରରେ ଯୋଗାଣ ଓ ଚାହିଦା ମଧ୍ୟରେ ଭାରସାମ୍ୟ ରହିପାରିଲା ନାହିଁ। ୨୦୨୫ ମସିହାରେ ଯେତେବେଳେ ଆମ ରାଜ୍ୟରେ ଆଳୁସଂକଟ ଦେଖା ଦେଲା, ସେତେବେଳେ ଉଭୟେ ଯୋଗାଣ ଓ କୃଷିମନ୍ତ୍ରୀ କହିଥିଲେ, 'ଆମେ ଆସନ୍ତା ବର୍ଷଠାରୁ ଚାଷରେ ଆତ୍ମନିର୍ଭରଶୀଳ ହୋଇଯିବୁ କାହା ଉପରେ ନିର୍ଭର କରିବୁ ନାହିଁ।ରାଜ୍ୟରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବୁ। ଏଣୁ ଚାଷୀ ତାର ସମୁଚିତ ଦାମ ପାଇବ ଓ ଲୋକ ଠିକ ଦାମରେ ଜିନିଷ କିଣି ପାରିବେ।' କିନ୍ତୁ କ'ଣ ହେଲା, ଆମେ ଦେଖୁଛେ।

ପନିପରିବା ଦାମ ବଢିଲେ ସବୁଠୁ ଅଧିକ ପ୍ରଭାବିତ ହୁଅନ୍ତି,ମଧ୍ୟବିତ୍ତ ଓ ଗରିବ ଲୋକମାନେ।ପୂର୍ବରୁ ଯେଉଁମାନେ ପ୍ରତି ସପ୍ତାହରେ ପରିବା କିଣୁଥିଲେ, ଏବେ ସେମାନେ ଅଳ୍ପରେ ଚଳାଇବାକୁ ବାଧ୍ୟ ହେଉଛନ୍ତି।

ଏପରି ପରିସ୍ଥିତିରେ ବଜାର ଦର ନିୟନ୍ତ୍ରଣ ସହିତ ପନିପରିବା ଯୋଗାଣକୁ ସୁଦୃଢ଼ କରିବା ଦରକାର। ଚାଷୀଙ୍କ ଠାରୁ ଖାଉଟିଙ୍କ ପର୍ଯ୍ୟନ୍ତ ଏକ ସୁସଂଗଠିତ ଯୋଗାଣ ବ୍ୟବସ୍ଥା ହୋଇ ନ ପାରିଲେ, ମଝିରେ ଦଲାଲ ବେପାରିମାନେ ମନଇଛା ଦାମ ବଢାଇ ବଜାରରେ ଅସ୍ଥିରତା ସୃଷ୍ଟି କରିବେ। ଚାଷୀ ଉପଯୁକ୍ତ ଦର ପାଇବ ନାହିଁ। ଖାଉଟି ଅଧିକ ଦାମ ଦେଇ ଜିନିଷ କିଣିବ। ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବା କଥା। ଯୋଗାଣ ବ୍ୟବସ୍ଥା ନିୟନ୍ତ୍ରଣ ହେବା ଦରକାର।

ସରକାରୀଭାବେ କୁହାଯାଉଛି, ଓଡିଶାରେ ପ୍ରାୟ ଦେଢଶହ ଶୀତଳ ଭଣ୍ଡାର ରହିଛି। ମାତ୍ର ଏ ସବୁଥିରେ ଆଳୁ ରହିଛି। ସବୁଜ ପନିପରିବା ପାଇଁ ଶୀତଳଭଣ୍ଡାର ନାହିଁ। ବାଇଗଣ, ଟମାଟୋ, କୋବି ଭଳି ପରିବା ରଖାଯାଇପାରୁ ନାହିଁ। ପନିପରିବା ପାଇଁ କୋଲ୍ଡ ଚେନ ବ୍ୟବସ୍ଥା ମଧ୍ୟ ନାହିଁ।

ବର୍ଷସାରା ଯେପରି ପନିପରିବା ସୁଲଭ ଦରରେ ମିଳିପାରିବ, ସେ ନେଇ ସରକାରଙ୍କ କୌଣସି ଦୂରଦୃଷ୍ଟି ମଧ୍ୟ ନାହିଁ। ସହକାରି ସମିତି,କୃଷକ ଉତ୍ପାଦକ ସଂଗଂନ ସହିତ ସରକାରଙ୍କ ଯୋଗାଯୋଗ ନାହିଁ। କେବଳ କିଛି ଟଙ୍କା କିଛି ଚାଷୀଙ୍କ ପାଖକୁ ପଠାଇ ଦେଇ ସରକାର ନିଜ ଦାୟିତ୍ୱ ସରିଲା ବୋଲି ମନେ କରନ୍ତି। ରିହାତି ଦରରେ ଶୀତଳ ଭଣ୍ଡାର ବ୍ୟବସ୍ଥା କରିବା ଦରକାର। ସବୁଜ ପନିପରିବା ଚାଷ ପାଇଁ ଯେପରି ଅଧିକ ସବ୍‌ସିଡ ବ୍ୟବସ୍ଥା କରାଯିବ ସେଥିପାଇଁ ପଦକ୍ଷେପ ନେବା ଦରକାର। କିନ୍ତୁ ଯାହା ମନେହୁଏ, ଏନେଇ ସରକାରଙ୍କ ସ୍ପଷ୍ଟ ନୀତି ନାହିଁ। ତେଣୁ ଏମିତି ପ୍ରାକୃତିକ ବିପ୍ରତ ସମୟରେ ପନିପରିବା ଦର ବଢିବା, ଏକ ସାଧାରଣ କଥା ବୋଲି ପ୍ରଶାସନ ମନେ କରେ।

ମୋ-୯୪୩୯୬୫୨୩୨୨

## ୯ ହୁଣ୍ଡିରୁ ମିଳିଲା ୧ କୋଟିରୁ ଅଧିକ

ରାୟଗଡା,୧ ।୯ (ନିପ୍ର): ଖୋଲିଲା ରାୟଗଡାର ଆରାଧ୍ୟା ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀଙ୍କ ୯ ଗୋଟି ହୁଣ୍ଡିରୁ ମିଳିଛି ଏକ କୋଟିରୁ ଅଧିକ ଟଙ୍କା ସହ ସୁନା ଓ ରୁପା ବିଦେଶୀ ମୁଦ୍ରା । ରାୟଗଡ଼ା ସୋମବାର ଦିନ ଖୋଲିଛି ମା' ମଝିଘରିଆଣି ମନ୍ଦିରର ଦାନ ହୁଣ୍ଡି । ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୋଲିସର କଡ଼ା ସୁରକ୍ଷା ବଳରେ ଗଣତି ହୋଇଥିଲା । ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡିରୁ ସକାଳ ୧୦ଟା ରୁ ଗଣତି ଆରମ୍ଭ ହୋଇ ଅପରାହ୍ନ ୭ଟା ପର୍ଯ୍ୟନ୍ତ ହୋଇଛି । ଏହି ଗଣତି କାମରେ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲେ । ଏହି ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମନେ କରନ୍ତି ବୋଲି କହିଛନ୍ତି ମହିଳା ସଂଘର ସଦସ୍ୟା ମାନେ । ଗତ ୨ମାସ ପୂର୍ବେ ଦାନ ହୁଣ୍ଡି ଖୋଲାଯାଇଥିବା ବେଳେ ସେଥିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା, ୧ କେଜି ୩୦୦ ଶହ ଗ୍ରାମ ରୁପା ଓ ୩୨ ଗ୍ରାମ ସୁନା ବାହାରିବା ସହ ୯ଗୋଟି ବିଦେଶୀ ଓ ଅଚଳ ନୋଟ୍ ବାହାରିଥିଲା (୩୧.୮. ୨୬) ସୋମବାର ଦିନ ବାହାରିଛି ନଗଦ ୫୪ ଲକ୍ଷ ୧୫ହଜାର ୯୦୨ଟଙ୍କା, ସୁନା ୬୪ ଗ୍ରାମ, ରୁପା ୧ କେଜି ୭ଶହ ୬୪ ଗ୍ରାମ ବିଦେଶୀ ମୁଦ୍ରା ୧୧ ଗୋଟି ଓ ଅଚଳ ନୋଟ ବାହାରି ଥିଲା । ସଂଗ୍ରହ ସମସ୍ତ ଅର୍ଥ ଓ ସୁନା-ରୁପା ମନ୍ଦିର ପରିସରରୁ ମଝିଘରିଆଣୀ ଟ୍ରଷ୍ଟର ସ୍ୱତନ୍ତ୍ର ଗାଡିରେ ୟୁନିଅନ ବ୍ୟାଙ୍କକୁ ସ୍ଥାନାନ୍ତର ସହ ବିଭିନ୍ନ ସାମାଜିକ ଓ ମନ୍ଦିର କାର୍ଯ୍ୟରେ ଖର୍ଚ୍ଚ କରାଯିବ, ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି ।

## ଜୁଏଲ ଓରାମଙ୍କୁ ସମର୍ଥନ କରି ଓରାମ ସମାଜ

ରାଉରକେଲା,୧ ।୯ (ନିପ୍ର): ସର୍କିଟ ହାଉସରୁ ପିସ୍ତଲ ଓ ଗୁଳିଗୁଳା ଜବତ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପାଶୱାନଙ୍କ ସମେତ ୧୨ ଅଭିଯୁକ୍ତଙ୍କୁ ଗିରଫ ପରେ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଅଗଷ୍ଟ ୨୮ ତାରିଖ ଦିନ ବିରୋଧୀଙ୍କ ପ୍ରତି ଦେଇଥିବା ବିବୃତ୍ତି ଏବଂ ଜାଳିଦେବା ପୋଡିଦେବା ଧମକ ପରେ ଗତକାଲି ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜୁଏଲ ଓରାମଙ୍କ ସପକ୍ଷରେ ଆଗକୁ ବାହାରି ଶୋଭାଯାତ୍ରା କରିବା ସହିତ ରାଉରକେଲା ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଓରାମ ସମାଜ ଯୁବ ମଞ୍ଚ । ଲଘୁଚାପ ଜନିତ ଲଗାଣ ବର୍ଷା ସତ୍ତ୍ୱେ ଓରାମ ସମାଜ ଯୁବ ମଞ୍ଚ ପକ୍ଷରୁ ବିର୍ସା ମୁଣ୍ଡା ଛକରୁ ଏହି ଶୋଭାଯାତ୍ରା ବାହାରି ରାଉରକେଲା ମୁଖ୍ୟ ରାସ୍ତା ଦେଇ ଉଦିତନଗର ସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଶୋଭାଯାତ୍ରାକାରୀ ହାତରେ ପ୍ଲା-କାର୍ଡ ଧରି ଜୁଏଲ ଓରାମଙ୍କ ସପକ୍ଷରେ ସ୍ଲୋଗାନ ଦେଇ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଶୋଭାଯାତ୍ରା ଉଦିତନଗର ସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଜୁଏଲଙ୍କ ସପକ୍ଷରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

## ପୁଣି ମହାନଦୀରେ କୁମ୍ଭୀର

ସାଲେପୁର,୧ ।୯ (ନିପ୍ର): ନଦୀରେ ବନ୍ୟା ପାଣି କିଛି ମାତ୍ରାରେ କମି ଥିବାରୁ ନଦୀକୂଳିଆ ଜନସାଧାରଣ ଓ ଚାଷୀମାନେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଥିବାବେଳେ ଏବେ ବିଭିନ୍ନ ନଦୀରେ ଏକାଧିକ କୁମ୍ଭୀର ବୁଲୁଥିବାରୁ ନଦୀପଠାକୁ ଯିବାକୁ ଲୋକମାନେ ଭୟ ମନେ



କରୁଛନ୍ତି । ପ୍ରକାଶ ଯେ ଆଜି ସାଲେପୁର ବ୍ଲକ୍‌ର ତରିତୋ ଗ୍ରାମର ସୋମନାଥ ମନ୍ଦିର ନିକଟ ମହାନଦୀ ପଠାରେ ପ୍ରାୟ ୧୦ଫୁଟ ଲମ୍ବର ଏକ ବିରାଟ କୁମ୍ଭୀର ଦେଖିବାକୁ ମିଳିଛି । ଏହି କୁମ୍ଭୀର ଦେଖିବାକୁ ନାହିଁନଥିବା ଭିଡ଼ ଜମିଥିବାବେଳେ କୁମ୍ଭୀରଟି ନଦୀପାର୍ଶ୍ୱରେ ପାଣି ଉପରେ ପହଁରୁଥିବା ଦେଖି ଲୋକେ ନଦୀ ପଠାକୁ ଯିବାକୁ ଭୟ ମନେ କରୁଛନ୍ତି । ପ୍ରକାଶ ଯେ କିଛି ଦିନ ତଳେ ଏହି ମହାନଦୀର ପଶ୍ଚିମକଚ୍ଛ ଡିଗିସାହି ନିକଟରେ ୨ଟି କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ବନ୍ୟାଯୋଗୁ ବହୁ ମାତ୍ରାରେ କୁମ୍ଭୀର ନଦୀମାନଙ୍କରେ ଆସିଥିବାରୁ ନଦୀକୁ ଯାଉଥିବା ଲୋକମାନେ ଏଥି ପ୍ରତି ସଚେତନତା ଅବଲମ୍ବନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ସୋଲାର ଲାଇଟ ଚୋରି ନେଇ ଥାନାରେ ଅଭିଯୋଗ

ଭାପୁର,୧ ।୯ (ନିପ୍ର): ଭାପୁର ବ୍ଲକ ନିମାଣୀ ପଞ୍ଚାୟତର ସରପଞ୍ଚ ସୁଧାଂଶୁ ଶେଖର ସ୍ୱାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ୪୦ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରି ନିମାଣୀ, ଅରଖପଲ୍ଲୀ, ବାଦଭୂଇଁ ଓ କାଳିକାପ୍ରସାଦ ଗ୍ରାମର ଚାରି ଗୋଟି ଶ୍ମଶାନରେ ସୋଲାର ଲାଇଟ ଲଗାଇଥିଲେ । ବାଦଭୂଇଁ ଗ୍ରାମ ଶ୍ମଶାନରୁ ତିନି ଦିନ ପୂର୍ବରୁ କିଛି ଦୁର୍ବୃତ୍ତ ବ୍ୟାଟେରୀ,ସୋଲାର ପ୍ୟାନେଲ ଓ ଲାଇଟ ଚୋରି କରି ନେଇଥିଲେ । ଏନେଇ ବାଦଭୂଇଁ ଗ୍ରାମସଭା ବସି ଦୁଇ ଜଣଙ୍କୁ ସନ୍ଦେହରେ ଧରି ଫତେଗଡ ଥାନାରେ ଲିଖିତ ଅଭିଯୋଗ ସହ ଦୁଇ ସନ୍ଦିଗ୍ଧଙ୍କୁ ଥାନାରେ ଦେଇଥିଲେ । ମାତ୍ର ପୋଲିସ ପଚରାଉଚରା ପରେ ଦୁଇ ସନ୍ଦିଗ୍ଧଙ୍କୁ ଛାଡି ଦେଇଛି । ଏହାକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

## ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ

ବୌଦ୍ଧ,୧ ।୯(ନିପ୍ର): ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି । ବୌଦ୍ଧ ଜିଲ୍ଲା ପୁରୁଣାକଟକର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ (ଅବସରପ୍ରାପ୍ତ) କାର୍ତ୍ତିକେଶ୍ୱର ସାହୁ ଆୟଠାରୁ ଅଧିକ ସମ୍ପତ୍ତି ରଖିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶ୍ରୀ ସାହୁଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ତାଙ୍କର ଜଣାଶୁଣା ଆୟର ଉତ୍ସ ତୁଳନାରେ ଅସଙ୍ଗତ ଭାବେ ଅଧିକ ସମ୍ପତ୍ତି ଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା ।ଆଜି, ୩୧ ଅଗଷ୍ଟ ୨୦୨୬ ତାରିଖରେ ମାମଲାର ବିଚାର କରି ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଫୁଲବାଣୀ କାର୍ତ୍ତିକେଶ୍ୱର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦,୦୦୦ (ପଚାଶ ହଜାର) ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ତାଙ୍କର ଦୋଷସିଦ୍ଧି ପରେ ପେନସନ୍ ବନ୍ଦ କରିବା ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ପାଇଁ ପ୍ରସ୍ତାବ ଦିଆଯିବ । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର ଦୃଢ଼ ଓ ନିରନ୍ତର କାର୍ଯ୍ୟାନୁଷ୍ଠାନର ଏହା ଆଉ ଏକ ଉଲ୍ଲେଖନୀୟ ଉଦାହରଣ ।

# ଚାରିବର୍ଷରେ ପାରଳା ପୌରପରିଷଦ ପାଇଛି ୫୬.୧୧ କୋଟି, ବିକାଶ ଧିମା !

ପାରଳାଖେମୁଣ୍ଡି,୧ ।୯(ନିପ୍ର):ବିକାଶ ପାଇଁ ଅନୁଦାନର ଅଭାବ ନାହିଁ। ପ୍ରତିବର୍ଷ ଅନୁଦାନର ପରିମାଣ ବି ବଢୁଛି। ହେଲେ ବିକାଶଧାରା ଆଶାନୁରୂପ ଆଗେଇପାରୁନି । ଏହି ଚିତ୍ର ହେଉଛି, ପାରଳା ପୌରପରିଷଦର ଗତ ଚାରିବର୍ଷରେ ପୌର ପରିଷଦକୁ ମୋଟ ୫୬.୧୧ କୋଟିର ଅନୁଦାନ ମଞ୍ଜୁର ହୋଇଛି। ହେଲେ ଏତେ ପରିମାଣର ଅର୍ଥ ମଞ୍ଜୁର ସତ୍ତ୍ୱେ ସହରର ଚେହେରା ବଦଳିପାରିନି। କାରଣ ଏହି ସମୟ ମଧ୍ୟରେ କେଉଁଠି ବଡ଼ ପ୍ରକଳ୍ପ ନିର୍ମାଣ ହୋଇଛି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହସ୍ତଗତ ହୋଇଥିବା ସୂଚନା ଅନୁସାରେ, ୨୦୨୨-୨୩ରେ ପୌର ପରିଷଦକୁ ୧୦.୪୨ କୋଟି, ୨୦୨୩-୨୪ରେ ୧୨.୧୩ କୋଟି, ୨୦୨୪-୨୫ରେ ୧୩.୮୬ କୋଟି ଏବଂ ୨୦୨୫-୨୬ରେ ୧୯.୭୦ କୋଟି ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନରେ ପୌର ପରିଷଦ ପକ୍ଷରୁ ରାସ୍ତା ନିର୍ମାଣ ସହ ମରାମତି, ଡ୍ରେନ, ଷ୍ଟ୍ରିଟ୍ ଲାଇଟ୍, ପରିମଳ ଏବଂ ସୌନ୍ଦର୍ଯ୍ୟାକରଣ ଭଳି ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ। ଗତାନୁଗତିକ ଧାରାରେ ଏସମସ୍ତ କାର୍ଯ୍ୟ ଏବଂ ଛୋଟ ଭିତ୍ତିଭୂମିକୁ ବାଦ୍ ଦେଲେ ସହରର ଭବିଷ୍ୟତକୁ ନଜରରେ ରଖି ବଡ଼ ଓ ଦୀର୍ଘମିଆଦି ପ୍ରକଳ୍ପର ପରିକଳ୍ପନା ହୋଇପାରିନି। ଟ୍ରାଫିକ୍ ସମସ୍ୟା, ଆଶ୍ରୟସ୍ଥଳୀ ନିର୍ମାଣ, ଶୌଚାଳୟଗୁଡ଼ିକୁ କାର୍ଯ୍ୟକ୍ଷମ ଓ ପୌରପରିଷଦର ବଜାରଗୃହ ଆବଣ୍ଟନ ସମସ୍ୟା ଦୀର୍ଘଦିନ ଧରି ଧରି ଲାଗିରହିଛି। ବିଭିନ୍ନ ସମୟରେ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ସେହିପରି ନୂଆ ଟାଉନ୍ ହଲ୍ ଓ




ସାଂସ୍କୃତିକ ଭବନ ଭଳି ପ୍ରକଳ୍ପ ହାତକୁ ନିଆଯାଇଥିଲେ ମଧ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ରହିଛି ପ୍ରକଳ୍ପଗୁଡ଼ିକ ଲୋକଙ୍କ ପାଇଁ କେବେ ଉପଲବ୍ଧ ହେବ, ତାହାକୁ ସହରବାସୀ ଅପେକ୍ଷା କରି ରହିଛନ୍ତି। ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ବିନିଯୋଗ ଅନୁଦାନର ସଠିକ୍ ହୋଇନାହିଁ। ପୋଖରୀ ଉନ୍ନତୀକରଣ ଭଳି କାର୍ଯ୍ୟରେ ଅନିୟମିତତା ହୋଇଛି। ପୌର ପରିଷଦର କେତେକ ସଦସ୍ୟ ଠିକାଦାର ଭାବେ ବିଭିନ୍ନ କାର୍ଯ୍ୟ କରିଛନ୍ତି। ଏହାର ତଦନ୍ତ ହେବା ଦରକାର ତଦନ୍ତ ହେଲେ ଅନୁଦାନ ବାସ୍ତବରେ କେଉଁ ବାଟରେ ଓ କେମିତି ଖର୍ଚ୍ଚ ହୋଇଛି, ଏହାର ପ୍ରକୃତ ଚିତ୍ର ସାମ୍ନାକୁ ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଜେପି ନେତା ବସନ୍ତ କୁମାର କହିଛନ୍ତି, ଅନୁଦାନର ଅଭାବ ନାହିଁ। ପୂର୍ବ ସରକାର ତୁଳନାରେ ଅଧିକ ଅନୁଦାନ ଆସିଛି। ହେଲେ ପୌର ପରିଷଦ ଏହାର ସଠିକ୍ ବିନିଯୋଗ କରିପାରୁନି ପୌରାଧ୍ୟକ୍ଷା ନିର୍ମଳା ସେଠୀ କହିଛନ୍ତି ଯେ, ପୌର ପରିଷଦରେ ଅନେକ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଯଥାଶୀଘ୍ର ସେଗୁଡ଼ିକ କାର୍ଯ୍ୟକ୍ଷମ ହେବା ରାମନଗର ଶ୍ମଶାନର କାର୍ଯ୍ୟ ସରିଥିବା ବେଳେ ଟାଉନହଲ୍ ମଧ୍ୟ ଶୀଘ୍ର କାର୍ଯ୍ୟକ୍ଷମ ହେବା ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଯୋଗୁଁ କେତେକ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଛି। ତେବେ ସ୍ୱାୟତ୍ତଶାସନ ଦିବସରେ ନୂଆ ପ୍ରକଳ୍ପ ଓ ଅନୁଦାନର ଘୋଷଣା ସହ ପୁରୁଣା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ଅନୁଦାନ ବିନିଯୋଗର ସ୍ପଷ୍ଟ ଚିତ୍ର ମଧ ସାମ୍ନାକୁ ଆସିବା ଦରକାର ବୋଲି ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବାଲି ଚୋରାଚାଲାଣ ରୋକିବାକୁ ଯାଇ ଖଣି ଅଧିକାରୀଙ୍କୁ ଧମକ

ପାରଳାଖେମୁଣ୍ଡି,୧ ।୯(ନିପ୍ର): ପରଳାଖେମୁଣ୍ଡିରୁ ପିଛା କରି କାଣ୍ଟରାଗଡ଼ାରେ ଡମ୍ପର ଅଟକାଇଲେ ଅଧିକାରୀଙ୍କୁ ଧମକ ଦେଇ ଗାଡ଼ି ନେଇ ପଳାଇଗଲେ ଅଭିଯୁକ୍ତ କଥାରେ ଅଛି ଚୋର ମୁହଁ ଟାଣ' ବାଲି ଚୋରାଚାଲାଣ ରୋକିବାକୁ ଯାଇଥିବା ଖଣି ଅଧିକାରୀଙ୍କୁ ଓଲଟା ଧମକ। ଏପରି ଅଭିଯୋଗ ଏବେ କାଶୀନଗର ଅଞ୍ଚଳରେ ବାଲି ଚୋରାଚାଲାଣ ପଛରେ ଥିବା ପ୍ରଭାବଶାଳୀ ଗୋଷ୍ଠୀକୁ ନେଇ ନୂଆ ପ୍ରଶ୍ନ ଛିଡ଼ା କରିଛି। ଅନ୍ଧରୁ ଡମ୍ପର ଯୋଗେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ପରଳାଖେମୁଣ୍ଡିରୁ ପିଛା କରି ଆସିଥିବା ଖଣି ବିଭାଗର ଅଧିକାରୀ କାଣ୍ଟରାଗଡ଼ା ନିକଟରେ ଗାଡ଼ି ଅଟକାଇଥିଲେ। ହେଲେ ଯାଞ୍ଚ ପୂର୍ବରୁ ଅଧିକାରୀଙ୍କୁ ଧମକ ଦେଇ ଗାଡ଼ି ନେଇ ଚାଲିଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କାଶୀନଗର ଅଞ୍ଚଳରୁ ଦୀର୍ଘଦିନ ଧରି ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ଆସୁଛି। ବିଶେଷକରି ଡମ୍ପର ଯୋଗେ ବାଲି ପରିବହନ କରାଯାଉଥିବା ନେଇ ଖଣି ବିଭାଗକୁ ସୂଚନା ମିଳିବା ପରେ ଅଧିକାରୀମାନେ ତତ୍ପର ହୋଇଥିଲେ। ଏହି କ୍ରମରେ ଏକ ବାଲି ବୋଝେଇ ଡମ୍ପରକୁ ପରଳାଖେମୁଣ୍ଡିରୁ ପିଛା କରାଯାଇ କାଣ୍ଟରାଗଡ଼ା ନିକଟରେ ଅଟକାଯାଇଥିଲା। ତେବେ ଗାଡ଼ି ଅଟକାଇବା ପରେ ଘଟିଥିଲା ଅନ୍ୟ ଏକ ଘଟଣା। ବାଲି ବ୍ୟବସାୟ ସହ ଜଡ଼ିତ କିଛି ବ୍ୟକ୍ତି ଓ ସେମାନଙ୍କ ସହଯୋଗୀ ଘଟଣାସ୍ଥଳରେ ପହଞ୍ଚି ଖଣି ଅଧିକାରୀଙ୍କୁ ଧମକ ଦେଇଥିବା ଅଭିଯୋଗ ରହିଛି।

## ଆଶ୍ରମ ବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ବଦଳି ଆଦେଶକୁ ବିରୋଧ

ଜଳେଶ୍ୱର,୧ ।୯(ନିପ୍ର):ଜଳେଶ୍ୱର ବ୍ଲକ ଅଧୀନସ୍ଥ ସର୍ଦ୍ଦାରବନ୍ଧ ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ୨୮୦ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ ଥିବାବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣକର ବଦଳି ଆଦେଶ ମିଳିଛି। ତେବେ ଏହି ବଦଳି ଆଦେଶକୁ ତୀବ୍ର ବିରୋଧ କରିଛି ଆଶାରେନାଃ ମାର୍ଶାଲ ସଙ୍ଗଠନ। ବଦଳି ଆଦେଶ ବାତିଲ ସହ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ପୂରଣ ନହେଲେ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ୧୯୫୨ ମସିହାରେ ପ୍ରତିଷ୍ଠିତ ଏହି ଆବାସିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠପଢ଼ା ସୁବିଧା ରହିଛି। ବିଦ୍ୟାଳୟରେ ଅଧୁନା ୨୮୦ ପାଖାପାଖି ଛାତ୍ରଛାତ୍ରୀ ଆବାସିକ ଅଧ୍ୟୟନରତ ଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମୋଟ ୩ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି।

ଆଠଟି ଶ୍ରେଣୀକୁ ୩ ଜଣ ଶିକ୍ଷକ କିପରି ପାଠ ପଢ଼ାଉଥିବେ ସହଜରେ ଅନୁମେୟ କରି ହେଉଛି। ପୁଣି ପ୍ରଧାନ ଶିକ୍ଷକ ଅଫିସ କାମ ତଥା ସରକାରୀ କାମରେ ଅନେକ ସମୟରେ ବ୍ୟସ୍ତ ମଧ ରୁହନ୍ତି। ଆଉ ଏହି ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦୁଇ ଜଣ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି ପାଇଁ ଆଦେଶ ଦେଇଛନ୍ତି। ଏକା ଥରକେ ଦୁଇ ଶିକ୍ଷକଙ୍କ ବଦଳି ହୋଇଗଲେ ଏଠାରେ ପାଠପଢ଼ା କିପରି ହେବ ବୋଲି ସଂଗଠନର ଆବାହକ ଅଶୋକ କୁମାର ମହାନ୍ତି,ସନ୍ତୋଷ କୁମାର ଜେନା,ସଭାପତି ଗଣେଶ ସୋରେନ, ସମ୍ପାଦକ ଦୀନେଶ କିସ୍କୁ,ଦେବାଶିଷ ମୁର୍ମୁ ପ୍ରମୁଖ ପ୍ରଶ୍ନ କରିଛନ୍ତି। ଅବିଳମ୍ବେ ବଦଳି ଆଦେଶ ବାତିଲ କରିବା ଓ ଦୀର୍ଘ ଦିନ ଧରି ଖାଲି ପଡିଥିବା ସମସ୍ତ ଶିକ୍ଷକ ଅଣ ଶିକ୍ଷକ ପଦବୀକୁ ପୂରଣ କରିବା, ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ପ୍ରକାରର ଭିତ୍ତିଭୂମି ଯୋଗାଇବାକୁ ଦାବି ସେମାନେ କରିଛନ୍ତି। ଏସମ୍ପର୍କରେ ବ୍ଲକ ମଙ୍ଗଳ ଅଧିକାରୀ ସଜତ ଅନୁପମଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ଏଠାରେ ଦୁଇ ଜଣ ନୂଆ ଶିକ୍ଷକ ଯୋଗଦାନ କରିବା ପରେ ହିଁ ଆଦେଶ ପାଇଥିବା ଦୁଇ ଶିକ୍ଷକ ବଦଳି ହେବା ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି

ସୋନପୁର,୧ ।୯(ନିପ୍ର): ସହରର ବ୍ଲକଛକ ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ସଭାପତି ଅରବିନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ପରିଚାଳନା କମିଟି ରେ ପୁଣିଥରେ ସଭାପତି ଭାବରେ ଅରବିନ୍ଦ ବାରିକ, ଉପସଭାପତି ଶରତ ମହାପାତ୍ର, ସଂପାଦକ ଭାବେ ନିଶାନ୍ତ କୁମାର ମହାନ୍ତି, ସହ ସଂପାଦକ ଭାବରେ ସ୍ୱରୁପ ପାତ୍ର କୋଷାଧ୍ୟକ୍ଷ ଭାବରେ ଦିଲ୍ଲିପ ପାତ୍ର ଓ ଉପଦେଷ୍ଟା ଭାବରେ ବଳଦେବ ପ୍ରସାଦ ବେଦବାକ,ପରାମର୍ଶ ଦାତା କମିଟିରେ ଡଃ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖଙ୍କୁ ନେଇ ଗଠନ କରାଯାଇଥିଲା।

## ରମ୍ଭା ଏନଏସିରେ ସ୍ୱାୟତ୍ତ ଶାସନ ଦିବସ


ରମ୍ଭା,୧ ।୯ (ନିପ୍ର): ଏନଏସିର ସ୍ୱାୟତ୍ତ ଶାସନ ଦିବସ ଅଧକ୍ଷା ମାନସୀ ସ୍ୱାଇଁଙ୍କ ଅଧକ୍ଷତାରେ କଲ୍ୟାଣ ମଣ୍ଡପ ପରିସରରେ ପାଳନ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ତଥା ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ ରଞ୍ଜନ କୁମାର ଦାଶ ଏନ. ଏ. ସି. ପରିସରରେ ଜାତୀୟ ପତକା ଉତ୍ତୋଳନ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୧ ।୯ (ନିପ୍ର): ଭଣ୍ଡାରିପୋଖରୀ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୮୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧୀନସ୍ଥ ୩ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୫ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବା ବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୩ଜଣ ଅଭିଯୋଗକାରୀଙ୍କୁ ମୋଟ ୮,୫୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ , ମୁଖ୍ୟ ଉନ୍ନୟନ ଅଧିକାରୀ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଭଣ୍ଡାରିପୋଖରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାସ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ୧୨୧ ଅଭିଯୋଗ

କାକଟପୁର,୧ ।୯ (ନିପ୍ର); ଅସ୍ତରଙ୍ଗ ବ୍ଲକ୍ ପରିସରରେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଉଛି। ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଗୋଟିଏ ସ୍ଥାନରେ ବସି ଜନସାଧାରଣଙ୍କ ଅଭିଯୋଗ ଶୁଣିବେ ଏବଂ ସେହି ସ୍ଥାନରେ ହିଁ ସମାଧାନ କରିବେ। ସେହିପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ପଞ୍ଚାୟତ ସମିତିଗୃହ ମଧ୍ୟରେ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ରାଜକିଶୋର ଜେନା , ଏ ଡ଼ି ଏମ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ବେହେରା , ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା , ବ୍ଲକ୍ ଅଧକ୍ଷା ଆରତୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ନିମାପଡା ଉପଖଣ୍ଡ ଅଧିକ୍ଷକ ଜନାର୍ଦ୍ଦନ ପାଢ଼ୀ ଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବହୁ ଅଭିଯୋଗ କାରୀ ନିଜ ନିଜର ଅଭିଯୋଗ ଯଥା : ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ନ ମିଳିବା , ରାସନ କାର୍ଡ କଟିଯିବା ଏବଂ ଯୋଡି ନ ହେବା , ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ସହନ ଠାରେ ବୃକ୍ଷ ରୋପଣରେ ଅନିୟମିତତା , ଶିକ୍ଷା, ସ୍ୱାସ୍ଥ୍ୟ , ରାସ୍ତା ନଥିବା ଯୋଗୁଁ ଯିବା ଆସିବାରେ ଅସୁବିଧା ଓ ପି ଏମ ଆବାସ ଯୋଜନା ସମେତ ବିଭିନ୍ନ ସମସ୍ୟା ହେଉଥିବା ଅଭିଯୋଗ ଧରି ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ । ବିରରେ ମୋଟ ୧୨୧ଟି ଅଭିଯୋଗ ପଞ୍ଜୀକୃତ ମଧ୍ୟରୁ



ବ୍ୟକ୍ତିଗତ ୯୪ ଗୋଟି, ସାମୂହିକ ୨୭ ଗୋଟି ଅଭିଯୋଗ ରହିଥିଲା। ତୁରନ୍ତ ଘଟଣା ସ୍ଥଳରେ ୧୯ ଗୋଟିର ନଗଦ ସମାଧାନ କରାଯଇଥିବା ସୂଚନା ମିଳିଛି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ୍ କୁମାର ପାଢ଼ୀ , ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ କୁମାର ବେହେରା , ବ୍ଲକ୍ ଶିକ୍ଷା ଅଧିକାରୀ କୃଷି ବିଭାଗ , ଉଦ୍ୟାନ କୃଷି ଓ ବିଦ୍ୟୁତ୍ ବିଭାଗ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଅସ୍ତରଙ୍ଗ ବଜାର ମାପ ହୋଇଥିବା ବେଳେ ଭଙ୍ଗା ନ ଯିବା ନେଇ ପଚାରିବାରୁ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତତା ଯୋଗୁଁ ଭଙ୍ଗା ହୋଇପାରିନାହିଁ। ଆଗାମୀ ଦିନରେ ଭଙ୍ଗା ଯିବ ପାଇଁ ଉପ ଜିଲ୍ଲାପାଳ ରାଜକିଶୋର ଜେନା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଭଦ୍ରକ ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା ଓ ବିକ୍ଷୋଭ

ଭଦ୍ରକ,୧ ।୯ (ନିପ୍ର): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ହୋଇଥିବା ଦୁର୍ଭାଗ୍ୟଜନକ ଏଫଆଇଆର ଏବଂ ଉତରାଖଣ୍ଡ ବିଜେପି କର୍ମୀଙ୍କ ବିରୋଧରେ ଏଏଫଆଇଆର ଦାବି କରି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଶୋଭାଯାତ୍ରା ଜିଲ୍ଲା କଂଗ୍ରସ କାର୍ଯ୍ୟାଳୟ ଠାରୁ ବାହାରି ରାଜଘାଟ ଛକ ପର୍ଯ୍ୟନ୍ତ ଯାଇଥିଲା। ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ହଲଦ୍ୱାନୀ ସମାବେଶ ସ୍ଥଳରେ ବିଜେପି/ ଆରଏସଏସ କର୍ମୀଙ୍କ ଦ୍ୱାରା କରାଯାଇଥିବା ଅତ୍ୟନ୍ତ ଘୃଣ୍ୟ ଜାତିବାଦୀ ଶୁଦ୍ଧୀକରଣ ରାଜନୀତିର ପ୍ରତ୍ୟେକ୍ଷ ଅନୁପାଳନ ସ୍ୱରୂପ ଲୋକସଭା ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଏକ ପ୍ରେସ ସମ୍ମିଳନୀରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠନ ଏବଂ ଏଏଫଆଇଆର ପଞ୍ଜୀକରଣ କରିବାକୁ ଦାବି କରିଥିଲେ। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ସମ୍ବିଧାନ ମୂଲ୍ୟବୋଧକୁ ଏଭଳି ଗୁରୁତର ଅପମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତେ ବିଜେପି ଶାସିତ ଉତ୍ତରାଖଣ୍ଡ ସରକାରଙ୍କ ଇସାରାରେ କାର୍ଯ୍ୟ କରୁଥିବା ଉତରାଖଣ୍ଡ ପୁଲିସ ହଲଦ୍ୱାନୀ ସିଟି କୋତୱାଲି ଅରକ୍ଷୀ ଥାନାରେ ଶ୍ରୀ



ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଶ୍ଚର୍ଯ୍ୟଜନକ ଭାବେ ଏକ ମାମଲା ରୁଜୁ କରିଛି। ବିଜେପିର ଏହି ଜାତିବାଦି ଆଚରଣକୁ ପ୍ରତ୍ୟେକ୍ଷ ସମର୍ଥନ ଏବଂ ବିରୋଧୀ ଦଳ ନେତାଙ୍କୁ ଟାର୍ଗେଟ କରିବା ପାଇଁ ସରକାରୀ କଳର ନିର୍ଲଜ ଅପବ୍ୟବହାର ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ; ସେମନେ ଆଜିର ସମାଜରେ ସମାଜିକ ଅନ୍ୟାୟର ସବୁଠାରୁ ବଡ଼ ସୂତ୍ରଧର ଓ ସଂରକ୍ଷକ। ସେମାନେ ଦେଖାଇଦେଇଛନ୍ତି ଜାତିଭିତିକ ଭେଦଭାବ ଓ ଦଳିତଙ୍କ ଉପରେ ଅତ୍ୟାଚାର ସ୍ୱର ଉତୋଳନ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଦବାଇବା ପାଇଁ ସେମାନେ ରାଜ୍ୟର ସମସ୍ତ ଶକ୍ତି ପ୍ରୟୋଗ କରିବେ। ଏହି ପ୍ରତିଶୋଧମୂଳକ ରାଜନୀତିକୁ ତୀବ୍ର ନିନ୍ଦା କରିବା ସହିତ ଉତ୍ତରାଖଣ୍ଡ ଦୋଷୀ ବିଜେପି କର୍ମୀଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ବିଧାୟକ ପଂଚାନନ ମଣ୍ଡଳ, ପିତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, ଅବଦୁଲ ମୋକିତ ଖାନ, ବିଜୟ ବାରିକ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ରାଜକିଶୋର ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ଶୋଷିତ ୪ଲକ୍ଷ ଚିଲିକା ମତ୍ସ୍ୟଜୀବୀ ସାଂସଦ ଓ ବିଧାୟକଙ୍କୁ ଦେଲେ ଦାବିପତ୍ର

ରମ୍ଭା,୧ ।୯ (ନିପ୍ର): ନୀଳାମ୍ବୁ ଚିଲିକା ହ୍ରଦ ଜଳରାଶି ଆୟତନ ୧୮୮୫ ବର୍ଗ. କି. ମି ୧୧୬୫ ବର୍ତ୍ତମାନ ୭୫୦ବର୍ଗ.କି. ମି ୧୪୭ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୪୭୦୦୦ଏକର ମତ୍ସ୍ୟ ସୈରାତ (ମତ୍ସ୍ୟ ଗୁତା) ୪ଲକ୍ଷ ନିର୍ଭର କରି ବଂଚୁଥିବା ପାରମ୍ପରିକ ମତ୍ସ୍ୟଜୀବୀ କଣ୍ଡରା, କେଉଟ, ତିଅର, ଖଟିଆ, କାଉତିଆ, ଗୋଖା ଓ ନୋଳିଆ ପ୍ରମୁଖ ଜାତି ଅଟେଫ ତା ସାଙ୍ଗକୁ, ପକ୍ଷୀ ଅଭୟାରଣ, ଡ଼ଲଫିନ, ଆଦ୍ରଭୂମି, ଚଢେଇ ହଗା ପାହାଡ଼, କାଳିଜାଇ, ସାନକୁଦା, ବଦକୁଦା ହନିମୁନ ଅଇଲାଣ୍ଡ (କୃତ୍ରିମ )ସାଙ୍ଗକୁ ପରିବେଶ, ଋଷିକୂଲ୍ୟା ପାଲୁରୁ ସାହେବ କେନାଲ ଦନ୍ତପୁର ଏବଂ ରମ୍ଭା ଦିପଦଣ୍ଡି , ଅପୂର୍ବ କୀର୍ତିରାଜ, କବି, ଲେଖକ, ସାହିତ୍ୟକ ଲେଖାମାନ ସାରା ବିଶ୍ୱରେ ପରିଚିତ। କେଉଁ ଆବାହମାନ କାଳରୁ ବଞ୍ଚି ଆସୁଥିବା ପରିବାର ଭାତ ହାଣ୍ଡି ଚିଲିକା, ୧୯୪୧ମସିହାରେ ଡା. ଜିତେନ୍ଦ୍ର ନାଥ ମିତ୍ର ଜଣେ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମତ୍ସ୍ୟ ଓ ଜଳଜୀବ ବୈଜ୍ଞାନିକ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ନିଯୁକ୍ତି ଓ ବାଲୁଗାଁ ଖୋର୍ଦ୍ଧା ମତ୍ସ୍ୟ ଅଧିକାରୀ ଭାବେ ନିପୁଣ କାର୍ଯ୍ୟ ଦକ୍ଷତା ତୁଲାଇ ଥିଲେ । ତେଣୁ ଚିଲିକାର ପିତାମହ ଭୀଷ୍ମ ନାମରେ ପରିଚିତ ।ସେ ସମସ୍ତ ଚିଲିକା ଅଞ୍ଚଳକୁ ବୁଲି ଦେଖିଥିଲେ ମତ୍ସ୍ୟଜୀବୀ ମାନେ ସମ୍ପୂର୍ଣ୍ଣ ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଅଛି ।

ସେମାନେ ଭୂମିହୀନ ଏକକ ମୌଳିକ ଅଧିକାର ଅଟେ ବୋଲି ଚିଲିକା ବୁଲେଟିନରେ ଉଲ୍ଲେଖ କରିଛନ୍ତି ସେ ସମସ୍ତ ମତ୍ସ୍ୟଜୀବୀ ପରିବାରକୁ ଏକାଠି କରି ପ୍ରାଥମିକମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରିଥିଲେ । ଏବଂ ସମସ୍ତ ମାଛ, ଚିଙ୍ଗୁଡ଼ି, କଙ୍କଡା ଦେଶ, ବିଦେଶରେ ଆଦୃତ ହେଲା ଏହି ମାଛ ସାରା ପୃଥିବୀରେ ଭିଟାମିନ



ଯୁକ୍ତ,ସ୍ୱାଦ, ଔଷଧୀୟ ଗୁଣବତ୍ତା ଓ ନିରୋଗ ଖାଦ୍ୟ ରୂପରେ ପରିଗଣିତ ହେଲା ।କିନ୍ତୁ ଆଜି ମତ୍ସ୍ୟଜୀବୀ ପରିବାର ଅନ୍ଧାରରେ ଗତି କରୁଛି, ଅଣ ମତ୍ସ୍ୟଜୀବୀ, ମାଫିଆ, ପ୍ରଶାସନ, ରାଜନୈତିକ ଚାପ ଚାପି ହୋଇ ବାହାର ଦାଦନ ଯିବାକୁ ବାଧ ହେଉଛନ୍ତି। ଚାରିଆଡେ ୫୦ ହଜାର ଏକରରୁ ଉର୍ଦ୍ଧ ମାଳ ମାଳ ଚିଙ୍ଗୁଡ଼ି ମଶାରୀ ଘେରି କରି ସାଧାରଣ ବାହାଣିଆ ମାଛ ମାରିବାରେ ବାଧା ସୃଷ୍ଟି ହେଉଛି। ମାଫିଆ, ପ୍ରଶାସନ ମିଳି ଭାଗତିରେ ବର୍ଷକୁ ୧୦ହଜାର କୋଟି ଟଙ୍କା ପାଇ ମାଲାମାଲ ହୋଇଛନ୍ତି । ଚିଲିକା ମତ୍ସ୍ୟ ସୈରାରୁ ଲିଜ ଏଗ୍ରିମେଣ୍ଟ ଜରିଆରେ ସରକାର କୋଟି କୋଟି ଟଙ୍କା ତହବିଲ ଆକାରରେ ପାଉଥିଲା ତାହା ଆଜି ଠପ ହୋଇଛି।

କୃଷ୍ଣପ୍ରସାଦ ତହସିଲରେ ୧୫ବର୍ଷ ହେଲା ଗାଦି ମାଡି ବସିଛନ୍ତି ବଦଳି ହେଉନାହାନ୍ତି । ୧୯୯୧ମସିହାରେ ଉଚ୍ଚ ନ୍ୟାୟାଳୟ, ୧୯୯୩ ସୁପ୍ରିମୋ କୋର୍ଟ ଓ ୧୯୯୭ରେ ରାଜ୍ୟ ଗୃହ କମିଟିରେ ଅନୁମୋଦିତ ନିର୍ଦ୍ଦେଶ ଚିଲିକାରୁ ସମ୍ପୂର୍ଣ୍ଣ ଘେରି ମୁକ୍ତ ନିର୍ଦ୍ଦେଶନାମା ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ, ଧର୍ମକୁ ଆଖିଠାର ଭଳି ।କେଉଁ ଅଦୃଶ୍ୟ ଶକ୍ତି ଚାପ ପକାଇ ମତ୍ସ୍ୟଜୀବୀ ପରିବାରକୁ ଧ୍ୱଂସ ମୁଖକୁ ଟାଣି ନେଉଛି। ୧୯୯୩ ମସିହାରେ ରାଜନୈତିକ ଥଇଥାନ ପାଇଁ ଫିସଫେଡ଼ ଗଠନ କରି କେନ୍ଦ୍ରୀୟ ମତ୍ସ୍ୟଜୀବୀ ବାଣିଜ୍ୟ କେନ୍ଦ୍ରକୁ ଲୀନ କରିଦେଲେ। ଫଳରେ ଚିଲିକା ଅଂଚଳରୁ ୧୦ଜଣ ସଭ୍ୟ, ସଭ୍ୟା ପରିଚାଳନା କମିଟିରେ ବ୍ୟାଘାତ କରାଇ ସ୍କାଣ୍ଡୁ କରି ଅନ୍ୟ ତନ୍ତୁବାୟ ସମବାୟ ସମିତି ବା ଅଣ ମତ୍ସ୍ୟଜୀବୀ ସମିତିରୁ ସଭ୍ୟ ହେବା ଫଳରେ ଚିଲିକାରେ ମତ୍ସ୍ୟଜୀବୀଙ୍କ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପନା ହୋଇପାରିଲା ନାହିଁ ।ଫିସଫେଡ଼ କର୍ତ୍ତୃପକ୍ଷ, ତହସିଲଦାର କୃଷ୍ଣପ୍ରସାଦ, ବ୍ରହ୍ମଗିରି ତହସିଲଦାର ମିଳିତ ଆନୁକୂଲ୍ୟରେ ଅନିୟମିତତା ନୀତି ପ୍ରଣୟନ କରି ମତ୍ସ୍ୟଗୁତା ବା ସୈରତକୁ ଗ୍ରାମ୍ୟ ବିବାଦ ନାମରେ ଚିଙ୍ଗୁଡ଼ି ମାଫିଆଙ୍କୁ ଚିଙ୍ଗୁଡ଼ି ଘେରି କରିବା ପାଇଁ ସୁଯୋଗ ଦେଲେ। ଫଳରେ ମତ୍ସ୍ୟଜୀବୀ ଅଣ ମତ୍ସ୍ୟଜୀବୀ, ଚିଙ୍ଗୁଡ଼ି ଘେରି ମାଫିଆ ଭିତରେ ଗଣ୍ଡଗୋଳ ଲଗାଇ କୋର୍ଟ କଚେରୀରେ ଖର୍ଚ୍ଚାନ୍ତ କରାଇଲେ ୧୯୯୯ମସିହାରେ ସୋରଣ ଗୁଳିକାଣ୍ଡରେ ପ୍ରଶାସନ ଦ୍ୱାରା, ୫ଜଣ ମତ୍ସ୍ୟଜୀବୀ ସହିଦ୍ ହେଲେ, ଏହିଭଳି ଭାବେ ୨୦୨୬ପର୍ଯ୍ୟନ୍ତ ଘେରି ଜନିତ ଘଟଣ ଅଘଟଣ ଘଟି ଗୁରୁତ୍ୱର ଆହତ ଓ ମୃତ୍ୟୁ ମୁଖରେ ପଡିଲେ। ୧୯୮୮-୮୯, ୧୯୯୮,୨୦୦୨, ୨୦୧୭ପର୍ଯ୍ୟନ୍ତ ବିଭିନ୍ନ ସମୟରେ କ୍ୟାବିନେଟ ଗୃହ କମିଟିରେ ବିଲ୍ ପାସ ହୋଇଥିଲା ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ ।ଏଭଳି ପରିସ୍ଥିତିରେ ଜନ ଆନ୍ଦୋଳନରେ ଚିଲିକାରୁ ଟାଟା କମ୍ପାନୀ ହଟିଲା କିନ୍ତୁ ଘେରି ମାଫିଆ ଓ ପ୍ରଶାସନ ହଟିଲେ ନାହିଁ ।ମତ୍ସ୍ୟଜୀବୀ ମହାସଂଘ ବିଭିନ୍ନ ସମୟରେ ମୌଳିକ ଅଧିକାର ଓ ଚିଲିକା ବିଲ ପାଇଁ ଆନ୍ଦୋଳନ ରତ ଅଛନ୍ତି। ଆଉ କେତେ ବର୍ଷ ଆନ୍ଦୋଳନ କଲେ ନିଜର ହକ ପାଇପାରିବେ ଚିନ୍ତାରେ ମତ୍ସ୍ୟଜୀବୀ ପରିବାର, ପ୍ରତ୍ୟେକ ସରକାରରେ ଧୂଆଁ ବାଣ ଆଶ୍ୱାସନା ଦେଉଛନ୍ତି। ଆଉ କେତେଦିନ ପରେ ସ୍ୱାଧୀନତା ପାଇପାରିବେ ନା ଏମିତି ଶୋଷଣର ଶିକାର ହୋଇ ସଢ଼ି ସଢ଼ି ମରିବେ ବୋଲି ମତ୍ସ୍ରଜୀବୀ ମହଲରେ କ୍ଷୋବର ସହ କୁହାଯାଇଛି।

## ସିବିଆଇ ଦ୍ୱାରା ୭,୨୨୯ ଦୁର୍ନୀତି ମାମଲାର ବିଚାର ବିଳମ୍ବିତ

ନୂଆଦିଲ୍ଲୀ,୧।୯: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିଥିବା ୭,୨୨୯ଟି ଦୁର୍ନୀତି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ସେଥିରୁ ୪୦୯ଟି ମାମଲା ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଛି। କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ୨୦୨୫ ବାର୍ଷିକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ୩୧ ଡିସେମ୍ବର ୨୦୨୫ ସୁଦ୍ଧା ସ୍ଥିତିକୁ ନେଇ ଏହି ତଥ୍ୟ ପ୍ରସ୍ତୁତ ହୋଇଛି। ରିପୋର୍ଟ ଅନୁସାରେ, ମୋଟ ବିଚାରାଧୀନ ୭,୨୨୯ ମାମଲା ମଧ୍ୟରୁ ୧,୬୧୨ଟି ୩ ବର୍ଷରୁ କମ୍ ସମୟ ଧରି ରହିଛି। ୮୬୦ଟି ମାମଲା ୩ରୁ ୫ ବର୍ଷ ମଧ୍ୟରେ ଏବଂ ୧,୯୦୧ଟି ୫ରୁ ୧୦ ବର୍ଷ ମଧ୍ୟରେ ବିଚାରାଧୀନ ଅଛି। ଦୁର୍ନୀତି ନିବାରଣ ଆଇନ ଅଧୀନରେ ଥିବା ୨,୪୪୭ଟି ମାମଲା ୧୦ରୁ ୨୦ ବର୍ଷ ହେଲା ପଡ଼ିରହିଛି। ଏହାଛଡ଼ା ୨୦ ବର୍ଷରୁ ଅଧିକ ପୁରୁଣା ୪୦୯ଟି ମାମଲାର ବିଚାର ଶେଷ ହୋଇନାହିଁ। ସିବିଆଇ ତଦନ୍ତ ସମ୍ପର୍କିତ ମାମଲାରେ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମଧ୍ୟ ବହୁ ସଂଖ୍ୟକ ଅପିଲ୍, ପୁନର୍ବିଚାର ଆବେଦନ ଓ ରିଟ୍ ଆବେଦନ ବିଚାରାଧୀନ ରହିଛି। ଏପରି ମାମଲାର ସଂଖ୍ୟା ୧୪,୦୮୩। ସେଥିରୁ ୭୩୯ଟି ୨୦ ବର୍ଷରୁ ଅଧିକ, ୧,୩୪୭ଟି ୧୫ରୁ ୨୦ ବର୍ଷ ଏବଂ ୩,୧୬୧ଟି ୧୦ରୁ ୧୫ ବର୍ଷ ଧରି ଅଟକିଛି। ଆଉ ୩,୮୫୪ଟି ମାମଲା ୫ରୁ ୧୦ ବର୍ଷ ହେଲା ବିଚାରାଧୀନ ରହିଛି। ସିଭିସି ରିପୋର୍ଟରେ ସିବିଆଇ ତଦନ୍ତରେ ବିଳମ୍ବର କେତେକ କାରଣ ମଧ୍ୟ ଦର୍ଶାଯାଇଛି। ବିଦେଶରୁ ସୂଚନା ପାଇଁ ପଠାଯାଉଥିବା ଚିଠିର ଉତ୍ତର ମିଳିବାରେ ବିଳମ୍ବ, ବିପୁଳ ପରିମାଣର ଦଲିଲ ଯାଞ୍ଚ, ବ୍ୟାଙ୍କ ଠକେଇ ଓ ଆର୍ଥିକ ଅପରାଧ ମାମଲାର ଜଟିଳତା ଏବଂ ଦୂରସ୍ଥ ଅଞ୍ଚଳରେ ଥିବା ସାକ୍ଷୀଙ୍କୁ ଖୋଜି ଜେରା କରିବା ଭଳି କାରଣରୁ ତଦନ୍ତରେ ସମୟ ଲାଗୁଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ୨୦୨୫ରେ ସିବିଆଇ ୧,୦୦୫ଟି ମାମଲା ରୁଜୁ କରିଥିଲା। ସେହି ବର୍ଷ ୬୫୪ଟି ମାମଲାର ନିଷ୍ପତ୍ତି ହୋଇଥିବାବେଳେ ୪୭୩ଟି ଦୁର୍ନୀତି ମାମଲାର ତଦନ୍ତ ଚାଲିଥିଲା। ସିବିଆଇ ପାଇଁ ସାଧାରଣତଃ ମାମଲା ରୁଜୁ ହେବାର ଏକ ବର୍ଷ ମଧ୍ୟରେ ତଦନ୍ତ ଶେଷ କରି ଆବଶ୍ୟକ ହେଲେ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିବା ଆଶା କରାଯାଏ।

## ଏନଏଚଏଆଇକୁ ମିଳିଛି ଉତ୍ସାହଜନକ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧।୯(ପିଆଇବି):ଓଡ଼ିଶାର ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୦ କିଲୋମିଟର ଲମ୍ବ ଉପକୂଳ ଜାତୀୟ ରାଜପଥ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)କୁ ନିଲାମ କ୍ରେତା ବା ବିଡରଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି । ଏନଏଚଏଆଇ ଦୁଇଟି ପ୍ୟାକେଜରେ ଏହି ପ୍ରକଳ୍ପ ପାଇଁ ନିଲାମ ଆହ୍ୱାନ କରିଥିଲା ଏବଂ ଉଭୟ ପ୍ୟାକେଜ ନିମନ୍ତେ ନିଲାମୀ ପ୍ରକ୍ରିୟାରେ ବହୁସଂଖ୍ୟକ ବିଡର୍ ଅଂଶଗ୍ରହଣ କରିଛନ୍ତି । ପ୍ରକଳ୍ପର ପ୍ରଥମ ଭାଗ (ପ୍ୟାକେଜ୍ ୧) ଅଧୀନରେ, ରାମେଶ୍ୱରମ୍‌ରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪ କିଲୋମିଟର ଲମ୍ବା, ଚାରି ଲେନ୍ ବିଶିଷ୍ଟ, ଆକ୍ସେସ୍-କଣ୍ଟ୍ରୋଲ୍ଡ ରାସ୍ତା ପାଇଁ ୧୦ଟି ପ୍ରସ୍ତାବ ମିଳିଛି ।

## ଚିରାଗ ପାଶ୍ୱାନଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ,୧।୯: କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ ହତ୍ୟା ଧମକ ମିଳିଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦାୟିତ୍ୱରେ ଥିବା ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ପାଶ୍ୱାନଙ୍କୁ କୁଖ୍ୟାତ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯିବ ବୋଲି ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଏହି ଘଟଣା ସଂକ୍ରାନ୍ତରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କୁ ଅବଗତ କରାଯାଇଛି। ସିଆରପିଏଫ୍ ଓ ବିହାର ସରକାର ନଜରକୁ ମଧ୍ୟ ଏହା ଅଣାଯାଇଛି। ପାଶ୍ୱାନଙ୍କ ସଚିବଙ୍କ ନିକଟରୁ ଗୃହ ମନ୍ତ୍ରାଳୟକୁ ଏକ ଚିଠି ପଠାଯାଇଛି ଏବଂ ଏଥିରେ ଲେଖାଯାଇଛି ଯେ ଏକ ଦସ୍ତଖତ ନ ଥିବା ଚିଠି ଆସିଛି। ଏଥିରେ ୨ଟି ମୋବାଇଲ୍ ନମ୍ବର ରହିଛି। ଏହାକୁ ଖୋଲିବାପରେ ଏଥିରେ ସିଧାସଳଖ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀଙ୍କୁ ହତ୍ୟା ଧମକ ମିଳିଛି। ଚିଠିରେ ଲେଖାଯାଇଛି ଖୁବ୍‌ଶୀଘ୍ର ଆପଣଙ୍କୁ କୁଖ୍ୟାତ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯିବ। ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି ଏବଂ ଆବଶ୍ୟକ ପଡ଼ିଲେ ପାଶ୍ୱାନଙ୍କ ସୁରକ୍ଷା ବୃଦ୍ଧି କରାଯିବ।

## ସୁଭାଷ ଚନ୍ଦ୍ରାଙ୍କୁ ଝଟ୍‌କା

ନୂଆଦିଲ୍ଲୀ,୧।୯: ଏନସିଏଲଟିର ସ୍ୱତନ୍ତ୍ର ଟିମ ସୁଭାଷ ଚନ୍ଦ୍ରାଙ୍କୁ ନେଇ ଦିଆ ଯାଇଥିବା ପୂର୍ବ ଆଦେଶ ଉପରେ ରୋକ ଲଗାଇଦେଇଛନ୍ତି । ବର୍ତ୍ତମାନ ସୁଭାଷ ଚନ୍ଦ୍ରା ତାଙ୍କର କୌଣସି ସଂପର୍ତ୍ତି କୌଣସି ପ୍ରକାରରେ ମଧ୍ୟ ବିକ୍ରି କରିପାରିବେ ନାହିଁ ତଥା ପୂର୍ବରୁ ଦିଆଯାଇଥିବା ୬.୨୫ କୋଟି ଟଙ୍କାର ଋଣ ପୈଠ ଉପରେ ମଧ୍ୟ ସ୍ଥଗିତାଦେଶ ଜାରି କରିଛନ୍ତି । ଏନସିଏଲଟିର ସ୍ୱତନ୍ତ୍ର ଟିମ, ଜି ଗ୍ରୁପର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ରାଙ୍କ ମାମଲାରେ ୨୫ ଅଗଷ୍ଟ ଦିନ ଦିଆଯାଇଥିବା ଆଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ।

## ଜଳକୁ ଅସ୍ତ୍ର କରାଯାଇପାରିବ ନାହିଁ: ଶେହବାଜ

ନୂଆଦିଲ୍ଲୀ,୧।୯: ଭାରତ ସିନ୍ଧୁଜଳ ଚୁକ୍ତିକୁ ନେଇ ହେଗସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେସନର ରାୟକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଏହି ପ୍ରସଙ୍ଗକୁ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଉଠାଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ। ମଙ୍ଗଳବାର ଏସସିଓର ରାଷ୍ଟ୍ରମୁଖ୍ୟ ପରିଷଦକୁ ସମ୍ବୋଧିତ କରି ଶେହବାଜ କହିଛନ୍ତି, ଜଳକୁ କେବେ ବି ରାଜନୈତିକ ଚାପ କିମ୍ବା ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଶେହବାଜ କହିଛନ୍ତି, ସିନ୍ଧୁଜଳ ଏହି ଅଞ୍ଚଳର ଜୀବନରେଖା। ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଧାରଣରେ ସହାୟକ ହେବା ସହ କୃଷିକୁ ସମର୍ଥନ କରୁଛି। ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଜଳ ଅତ୍ୟନ୍ତ ଜରୁରୀ। ତେଣୁ ମିଳିତ ଜଳସମ୍ପଦକୁ ଚାପ କିମ୍ବା ରାଜନୈତିକ ଲାଭ ହାସଲର ମାଧ୍ୟମ କରାଯିବା ଉଚିତ ନୁହେଁ। ସେ ଆହୁରି କହିଛନ୍ତି, ଦୁଇ ଦେଶ ମଧ୍ୟରେ ମିଳିତ ଜଳସମ୍ପଦ ସମ୍ପର୍କିତ ଚୁକ୍ତିଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ବାଧ୍ୟତାମୂଳକ ପ୍ରତିବଦ୍ଧତା। ରାଜନୈତିକ ସୁବିଧା ଅନୁଯାୟୀ ଏଗୁଡ଼ିକୁ ଏକପାଖିଆ ଭାବେ ଅଣଦେଖା କରାଯାଇପାରିବ ନାହିଁ। ଚୁକ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଳନ କରାଯିବା ଆବଶ୍ୟକ ବୋଲି ଶେହବାଜ କହିଛନ୍ତି। ତାଙ୍କ ଏହି ମନ୍ତବ୍ୟ ଭାରତ ହେଗସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେସନର ରାୟକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଆସିଛି। ୧୯୬୦ର ସିନ୍ଧୁଜଳ ଚୁକ୍ତି ଏବେ ବି ଆଇନଗତ ଭାବେ ବଳବତ୍ତର ଥିବା ଏବଂ ଚୁକ୍ତିରେ ଥିବା ବ୍ୟବସ୍ଥା ଅନୁଯାୟୀ ଭାରତ-ପାକିସ୍ତାନ ବିବାଦର ବିଚାର ଜାରି ରହିପାରିବ ବୋଲି କୋର୍ଟ କହିଥିଲା। ତେବେ ଭାରତ ଏହି ରାୟକୁ ଗ୍ରହଣ କରିନାହିଁ। ବିଦେଶ ମନ୍ତ୍ରଣାଳୟ କହିଛି, ଭାରତ ଏହି କୋର୍ଟକୁ ସ୍ୱୀକାର କରେନାହିଁ ଏବଂ ଏହାର ପ୍ରକ୍ରିୟାରେ ମଧ୍ୟ କେବେ ବି ଭାଗ ନେଇନାହିଁ। ଏହି ଟ୍ରିବ୍ୟୁନାଲକୁ 'ବେଆଇନ ଭାବେ ଗଠିତ' ବୋଲି ଭାରତ କହିବା ସହ ଏହାର କୌଣସି ଅଧିକାରକ୍ଷେତ୍ର ନାହିଁ ବୋଲି ସ୍ପଷ୍ଟ କରିଛି। ୨୦୨୫ ଏପ୍ରିଲର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହି ଜଳ ବିବାଦକୁ ଦକ୍ଷିଣ ଏସିଆରେ ଶାନ୍ତି ଓ ଆଞ୍ଚଳିକ ସହଯୋଗ ସହ ଯୋଡ଼ିଛନ୍ତି।

### ଏସସିଓ ଶିଖର ସମ୍ମିଳନୀରେ ବର୍ଷିଲେ ମୋଦି

# ଆତଙ୍କବାଦକୁ ପାଣି ଯୋଗାଣ ବନ୍ଦ କରିବାକୁ ହେବ



ନୂଆଦିଲ୍ଲୀ,୧/୯; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିର୍ଗିଜସ୍ତାନର ରାଜଧାନୀ ବିସକେକରେ ସାଙ୍ଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ଶିଖର ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏସସିଓ ମଞ୍ଚରୁ ଆତଙ୍କବାଦ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପାକିସ୍ତାନ ପିଏମ୍ ଶେହଓ୍ୱାଜ ସରିଫ୍ ଚାହିଁଥିଲେ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଶୁଣାଇଛନ୍ତି ମୋଦି । ଭାରତର ଆଞ୍ଚଳିକ ଏବଂ ରଣନୀତିକ ସ୍ୱାର୍ଥକୁ ଦୃଢ଼ ଭାବରେ ଉପସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଭାରତର ମୁଖ୍ୟ ଧ୍ୟାନ ଆତଙ୍କବାଦ ବିରୋଧରେ ଲଢ଼େଇ, ଆଞ୍ଚଳିକ ସଂଯୋଗ ଏବଂ ଶକ୍ତି ସୁରକ୍ଷା ଉପରେ ରହିଛି । ଆତଙ୍କବାଦ ଉପରେ ଡବଲ୍ ଷ୍ଟାଣ୍ଡାର୍ଡ ଚାଲିବ ନାହିଁ । ଆମକୁ ଆତଙ୍କବାଦକୁ ପାଣି ଯୋଗାଣ ବନ୍ଦ କରିବାକୁ ପଡିବ । ବାହ୍ୟ ଚାପରେ ଭାରତ ନିଜର ଜାତୀୟ ପ୍ରାଥମିକତା ଏବଂ ରଣନୈତିକ ସ୍ୱାୟତ୍ତତାକୁ ବଜାୟ ରଖି ୟୁରେସିଆର ପ୍ରମୁଖ ଶକ୍ତିମାନଙ୍କ ସହିତ ସହଯୋଗ ବୃଦ୍ଧି କରୁଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଆତଙ୍କବାଦର ସମଗ୍ର ବ୍ୟବସ୍ଥାକୁ ଭାଙ୍ଗିବାକୁ ପଡ଼ିବ- ଆତଙ୍କବାଦ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଗ୍ରହଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଘଟଣା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବାର ନୀତି ଏହାର ମୁକାବିଲା ପାଇଁ ଯଥେଷ୍ଟ ନୁହେଁ । ଆତଙ୍କବାଦକୁ ପାଣି ଯୋଗାଣ, ନିଯୁକ୍ତି, ଉଗ୍ରବାଦ ଏବଂ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଇବା ଭଳି ସମଗ୍ର ବ୍ୟବସ୍ଥାକୁ ଭାଙ୍ଗିବାର ଆବଶ୍ୟକତା ରହିଛି । ପାକିସ୍ତାନର ନାମ ନ ନେଇ ମୋଦି କହିଛନ୍ତି ଯେ, ଯେଉଁ ରାଷ୍ଟ୍ରମାନେ ଆତଙ୍କବାଦକୁ ନିଜ ନୀତିର ଉପକରଣ କରନ୍ତି ଏବଂ ଆତଙ୍କବାଦୀଙ୍କୁ ସମର୍ଥନ କିମ୍ବା ଆଶ୍ରୟ ଦିଅନ୍ତି, ସେମାନଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯିବା ଉଚିତ୍ ଯେ ଆତଙ୍କବାଦ କୌଣସି ଦେଶ ପାଇଁ ରଣନୀତିକ ସମ୍ପତ୍ତି ହୋଇପାରିବ ନାହିଁ । ଏସସିଓ ଫୋରମରୁ ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ସଦସ୍ୟ ଦେଶମାନଙ୍କୁ ଆହ୍ୱାନ ଦେଇଛନ୍ତି ।ଆତଙ୍କବାଦ ଏବେ ମଧ୍ୟ ସମଗ୍ର ମାନବ ଜାତି ପାଇଁ ଏକ ଗମ୍ଭୀର ଆହ୍ୱାନ ଏବଂ ଏହା ବିରୋଧରେ ଲଢେଇ କେବଳ 'କାର୍ଯ୍ୟ-ପ୍ରତିକ୍ରିୟା' ମଧ୍ୟରେ ସୀମିତ ନୁହେଁ ।ଆତଙ୍କବାଦୀଙ୍କୁ ପାଣି ଯୋଗାଣ, ଆତଙ୍କବାଦୀ ନିଯୁକ୍ତି, ଉଗ୍ରବାଦ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀର ସମ୍ପୂର୍ଣ୍ଣ ଇକୋସିଷ୍ଟମକୁ ଭାଙ୍ଗିବା ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି, ''ଏହି ଗମ୍ଭୀର ଆହ୍ୱାନର ମୁକାବିଲା କରିବା ପାଇଁ ସମସ୍ତ ଦେଶକୁ ଏକ ସ୍ୱରରେ ସ୍ପଷ୍ଟ କରିବାକୁ ପଡିବ ଯେ ଆତଙ୍କବାଦ ପ୍ରସଙ୍ଗରେ ଦୋମୁହାଁ ମାନଦଣ୍ଡକୁ ଗ୍ରହଣ କରାଯାଇପାରିବ ନାହିଁ । ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା କିମ୍ବା ଏହାକୁ ସେମାନଙ୍କ ରଣନୀତିର ଅଂଶବିଶେଷ କରୁଥିବା ଦେଶମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେବାକୁ ମୋ ଅପିଲ୍ । ଆଫଗାନିସ୍ତାନର ଶାନ୍ତି ସହ ଜଡ଼ିତ ସୁରକ୍ଷା, ୟୁରେସିଆ- ପ୍ରଧାନମନ୍ତ୍ରୀ କହିଥିଲେ ଯେ,''ଏକ ଶାନ୍ତିପୂର୍ଣ୍ଣ ଏବଂ ନିରାପଦ ୟୁରେସିଆର ଆକାଂକ୍ଷା ଆଫଗାନିସ୍ତାନରେ ଶାନ୍ତି ଏବଂ ସ୍ଥିରତା ସହ ଜଡ଼ିତ । ଆଫଗାନିସ୍ତାନର ଲୋକଙ୍କ ବିକାଶ ଏବଂ ମାନବିକ ସହାୟତାରେ ଭାରତ ଯୋଗଦାନ କରୁଛି ଏବଂ ଏହା ଜାରି ରଖିବ । ଆଜିର ଆନ୍ତଃସଂଯୁକ୍ତ ବିଶ୍ୱରେ ସୁରକ୍ଷାର ପରିସର ପୂର୍ବାପେକ୍ଷା ବ୍ୟାପକ । ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ କୌଣସି ଗୋଟିଏ ଅଞ୍ଚଳରେ ସଂଘର୍ଷ କେବଳ ସେହି ଅଞ୍ଚଳରେ ସୀମିତ ନୁହେଁ, ବରଂ ବିଶ୍ୱ ଶକ୍ତି ସୁରକ୍ଷା, ସାମୁଦ୍ରିକ ବାଣିଜ୍ୟ ଏବଂ ଯୋଗାଣ ଶୃଙ୍ଖଳା ଉପରେ ମଧ୍ୟ ଏହାର ପ୍ରଭାବ ପଡିଥାଏ । ଏହାର ସବୁଠାରୁ ଅଧିକ ପ୍ରଭାବ ଗ୍ଲୋବାଲ ସାଉଥର ଦେଶଗୁଡିକ ଉପରେ ପଡିଥାଏ । ଉତ୍ତେଜନା ଏବଂ ଯୁଦ୍ଧର ସମାଧାନ ଯୁଦ୍ଧକ୍ଷେତ୍ରରେ ନୁହେଁ ବରଂ ଆଲୋଚନା ଏବଂ କୂଟନୈତିକ ମାଧ୍ୟମରେ ହେବା ଉଚିତ୍ ।''

## ଅତି ଆବଶ୍ୟକ ନହେଲେ ସୁନା କିଣନ୍ତୁ ନାହିଁ: ମୋଦି

ନୂଆଦିଲ୍ଲୀ,୧।୯: ଭାରତର ଆର୍ଥିକ ବିକାଶ ହାରକୁ ନେଇ ଦେଶବାସୀଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶର ଅର୍ଥନୀତି ୭.୮% ହାରରେ ବଢୁଥିବା ବେଳେ ଏହାକୁ ଭାରତୀୟଙ୍କ ଦୃଢ଼ ସଂକଳ୍ପ ଓ କଠିନ ପରିଶ୍ରମର ଫଳ ବୋଲି କହିଛନ୍ତି ପିଏମ୍ ମୋଦି। ସୋସିଆଲ୍ ମିଡିଆରେ ଏକ ଲମ୍ବା ପୋଷ୍ଟ କରି ସେ ଭାରତର ବଢୁଥିବା ଆର୍ଥିକ ଶକ୍ତି, ଆତ୍ମନିର୍ଭରତା ଓ 'ଭୋକାଲ୍ ଫର୍ ଲୋକାଲ୍' ଉପରେ ଗୁରୁତ୍ୱ ଦେଇଛନ୍ତି। ପିଏମ୍ ମୋଦି କହିଛନ୍ତି ଯେ, ସାରା ବିଶ୍ୱ ଯୁଦ୍ଧ, ଅସ୍ଥିରତା ଓ ସପ୍ଲାଏ ଚେନ୍ ସମସ୍ୟାରେ ଜୁଝୁଥିବା ସମୟରେ ଭାରତ ଦ୍ରୁତ ଗତିରେ ଆଗକୁ ବଢୁଛି। କୋଭିଡ୍-୧୯ ପରଠାରୁ ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆଣିବା କଷ୍ଟକର ହୋଇଥିଲେ ମଧ୍ୟ ଭାରତ ନିଜ ବିକାଶର ଗତି ବଜାୟ ରଖିଛି ବୋଲି ସେ କହିଛନ୍ତି। ନିଜ ପୋଷ୍ଟରେ ପିଏମ୍ ମୋଦଶ ସୁନା କିଣାକୁ ନେଇ ମଧ୍ୟ ଦେଶବାସୀଙ୍କୁ ଏକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଯେପର୍ଯ୍ୟନ୍ତ ଅତ୍ୟନ୍ତ ଆବଶ୍ୟକ ନହୋଇଛି, ସେପର୍ଯ୍ୟନ୍ତ ସୁନା କିଣିବାରୁ ଦୂରେଇ ରହିବା ଉଚିତ। ଅନାବଶ୍ୟକ ଭାବେ ସୁନା କିଣିବା ପରିବର୍ତ୍ତେ ଲୋକେ ନିଜର ପ୍ରକୃତ ଆବଶ୍ୟକତାକୁ ଦେଖି ନିଷ୍ପତ୍ତି ନେବା ଉଚିତ ବୋଲି ସେ ଆହ୍ୱାନ କରିଛନ୍ତି। ଅର୍ଥାତ୍, ଆବଶ୍ୟକତା ନଥିଲେ ସୁନାରେ ଖର୍ଚ୍ଚ କିମ୍ବା ନିବେଶ ନକରିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ପିଏମ୍ ମୋଦଶ ତାଙ୍କ ପୋଷ୍ଟରେ ୭.୮% ବିକାଶ ହାରକୁ ନେଇ ଦେଶବାସୀଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଛନ୍ତି। ଏହି ବିକାଶ ହାର ଭାରତୀୟଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି। ଦେଶ ଭିତରେ ନିରାଶାର ବାତାବରଣ ସୃଷ୍ଟି କରୁଥିବା ଲୋକଙ୍କୁ ମଧ୍ୟ ପିଏମ୍ ମୋଦି ଟାର୍ଗେଟ୍ କରିଛନ୍ତି।

## ପୁଣି ଥରେ ବିଶ୍ୱ ଦେଖିଲା ପାକିସ୍ତାନର ହୀନ ବୁଦ୍ଧି
## ଏସସିଓ ସମ୍ମିଳନୀ ଗ୍ରୁପ ଫଟୋରୁ ହଟାଇଲା ମୋଦିଙ୍କ ଫଟୋ



ନୂଆଦିଲ୍ଲୀ,୧।୯: ପାକିସ୍ତାନ ପୁଣି ଥରେ ନିଜର ଛୋଟ ଚିନ୍ତାଧାରାକୁ ବିଶ୍ୱକୁ ଦେଖାଇଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏସସିଓ ସମ୍ମିଳନୀ ୨୦୨୬ ର ଗ୍ରୁପ୍ ଫଟୋରୁ ହଟାଇ ସୋସିଆଲ ମିଡିଆରେ ସମାନ ଫଟୋ ସେୟାର କରିଛି। ପାକ୍ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ଏହି ଫଟୋକୁ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଗ୍ରୁପ୍ ଫଟୋକୁ ଠିକ୍ ସେହିପରି ସେୟାର କରିଥିଲେ। ପିଏମ ମୋଦିଙ୍କ ହ୍ୟାଣ୍ଡେଲରୁ ସେୟାର ହୋଇଥିବା ଫଟୋରେ ଶାହାବାଜ ମଧ୍ୟ ଅଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଆଜି ମଙ୍ଗଳବାର ଟ୍ୱିଟରରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ଦୁଇଟି ଚିତ୍ର ଅଛି । ଏହି ଫଟୋ ଗୁଡ଼ିକ ଏସସିଓ ଶିଖର ସମ୍ମିଳନୀରେ ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦି କ୍ରପ୍ ହୋଇଛନ୍ତି। ଏହି ଫଟୋ ଅଧା କାଟି ଦିଆଯାଇଥିଲା । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଏହି ଛୋଟ କାର୍ଯ୍ୟ ବିଶ୍ୱ ସାମ୍ନାକୁ ଆସିଛି। ପାକ୍ ପିଏମଓ ଏହି ପୋଷ୍ଟରେ ଲେଖିଛି କି, 'ପ୍ରଧାନମନ୍ତ୍ରୀ ମହମ୍ମଦ ଶେହବାଜ ସରିଫ ୧ ସେପ୍ଟେମ୍ବର ୨୦୨୬ ରେ କିର୍ଗିଜସ୍ଥାନର ବିଶକେକରେ ଥିବା ଏସସିଓ କାଉନସିଲ୍ ଅଫ୍ ହେଡସ୍ ଷ୍ଟେଟ୍ ସମ୍ମିଳନୀରେ ରାଷ୍ଟ୍ରାଧକ୍ଷ ମାନଙ୍କ ସହ ଏକ ଗ୍ରୁପ୍ ଫଟୋରେ।'

### ନେପାଳ ପ୍ରଳୟର ଛାତିଥରା ଦୃଶ୍ୟ
## ଗୋଟିଏ ଘରୁ ମିଳିଲା ୨୩ ମୃତଦେହ



କାଠମାଣ୍ଡୁ, ୧/୯: ନେପାଳରେ ପ୍ରଳୟଙ୍କରୀ ବନ୍ୟାର ପ୍ରଳୟ କମୁନି । ପାଣି ଶୁଖିଥିଲେ ବି ବଢିଚାଲିଛି ଦୁର୍ଦ୍ଦଶା । ଏହାସହ ମୃତକଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ଉଦ୍ଧାରକାର୍ଯ୍ୟ ଜୋରଦାର ଚାଲିଛି । ୯୦୦ରୁ ଅଧିକ ପ୍ରାଣ ହରାଇଥିବା ବେଳେ ୪୦୦୦ରୁ ଅଧିକ ବ୍ୟକ୍ତି ନିଖୋଜ ରହିଛନ୍ତି । ଫଳରେ ମୃତ୍ୟୁସଂଖ୍ୟା ଆହୁରି ବଢିବା ନେଇ ଆଶଙ୍କା କରାଯାଉଛି । ତେବେ ନୁବାକୋଟ ଜିଲ୍ଲାରେ ଉଦ୍ଧାରକାର୍ଯ୍ୟ ବେଳେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଏଜେନ୍ସି ନୁବାକୋଟ୍ ଜିଲ୍ଲାର ବେତ୍ରବନ୍ତୀରେ ରବିବାରଠୁ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି । ମୃତାହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରୁଛନ୍ତି । ତେବେ ବେତ୍ରବନ୍ତୀ ଅଞ୍ଚଳରେ ଗୋଟିଏ ଘରୁ ୨୩ଟି ମୃତଦେହ ଉଦ୍ଧାର ହୋଇଛି । ଯାହା ସମସ୍ତଙ୍କୁ ଚକିତ କରିଦେଇଛି । କେବଳ ଏତିକି ନୁହେଁ ନେପାଳରୁ ଭାରତକୁ ଆସିଥିବା ଗଣ୍ଡକ ନଦୀରେ ମଧ୍ୟ ୨୩ଟି ମୃତଦେହ ଭାସୁଛି । ଭାରତ ସରକାର ଏହି ସମସ୍ତ ମୃତଦେହକୁ ନେପାଳ ସରକାରଙ୍କୁ ପ୍ରଦାନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରସୁଆ ଜିଲ୍ଲାସ୍ଥିତ ରସୁଆଗଢ଼ି ଜଳବିଦ୍ୟୁତ୍ ପ୍ରକଳ୍ପ ଟନେଲ ଭିତରେ ୩୦ ଜଣ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଥିଲା। ତେବେ ସେଠାରେ ନେପାଳ ସେନା, ବିଶେଷଜ୍ଞ ଇଞ୍ଜିନିୟର ଓ ଥର୍ମାଲ୍ ଡ୍ରୋନ୍ ସାହାଯ୍ୟରେ ଅପରେସନ କରାଯାଇଥିଲେ ବି କୌଣସି ଜୀବିତ ଶ୍ରମିକଙ୍କ ସନ୍ଧାନ ମିଳିନାହିଁ। ଏହାପରେ ସେଠାରେ ସର୍ଚ୍ଚ ଅପରେସନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି।

## ମମତା ବାନାର୍ଜୀଙ୍କ ଝିଆରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



କୋଲକାତା,୧।୯: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କ ଝିଆରୀଙ୍କ ରହସ୍ୟମୟ ଭାବେ ମୃତ୍ୟୁ ହୋଇଛି । ବୀରଭୂମିର ରାମପୁରହାଟର କୁସୁମ୍ବା ଗାଁରେ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି । ମୃତକଙ୍କ ନାମ ବ୍ରିଷ୍ଟି ମୁଖାର୍ଜୀ । ସେ ମମତାଙ୍କ ସମ୍ପର୍କୀୟ ଭାଇ ନିହାରରଞ୍ଜନ ମୁଖାର୍ଜୀଙ୍କ ଝିଅ। ପରିବାର ଦାବି କରିଛନ୍ତି ଯେ ଯୁବତୀ ଜଣକ ମାନସିକ ଅବସାଦ ଯୋଗୁଁ ଆତ୍ମହତ୍ୟା କରିଛନ୍ତି। ପ୍ରାରମ୍ଭିକ ଭାବରେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି ବିଚାର କରୁଛି । ତଥାପି, ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପରିବାର ସଦସ୍ୟଙ୍କୁ ବ୍ୟାପକ ପଚରାଉଚରା କରାଯାଇଛି। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଘରର ଦ୍ୱିତୀୟ ମହଲାର ଏକ କୋଠରୀରେ ବୃଷ୍ଟିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ସିଲିଂ ଫ୍ୟାନରେ ଧଳା ଧୋତି ବାନ୍ଧି ବୃଷ୍ଟି ନିଜକୁ ଫାଶୀ ଲଗାଇଥିବା ସନ୍ଦେହ କରାଯାଉଛି ।

## ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଅଗ୍ରଗତି ସମୀକ୍ଷା କଲେ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ,୧।୯(ପିଆଇବି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀର କୃଷି ଭବନରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା (ପିଏମ-ଡିଡି କେଓ୍ୱାଇ)ର ଅଗ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷାରେ ୧୦୦ଟି ଚିହ୍ନଟ ଜିଲ୍ଲାରେ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା, ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା, ଜିଲ୍ଲାସ୍ତରୀୟ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ଏବଂ ହସ୍ତକ୍ଷେପଗୁଡ଼ିକୁ ମାପଯୋଗ୍ୟ ଫଳାଫଳ ତଥା କୃଷକମାନଙ୍କ ପାଇଁ ବାସ୍ତବ ଲାଭରେ ପରିଣତ କରିବା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମୀକ୍ଷା ସମୟରେ, ମନ୍ତ୍ରୀଙ୍କୁ ଯୋଜନାର ଡ୍ୟାସବୋର୍ଡ ମାଧ୍ୟମରେ ପିଏମ-ଡିଡିକେଓ୍ୱାଇର ଅଗ୍ରଗତି ବିଷୟରେ ଅବଗତ କରାଯାଇଥିଲା ।ଏଥିରେ ଜିଲ୍ଲାଓ୍ୱାରୀ କାର୍ଯ୍ୟଦକ୍ଷତା, ଜିଲ୍ଲା କାର୍ଯ୍ୟ ଯୋଜନା, କେନ୍ଦ୍ରୀୟ ନୋଡାଲ ଅଧିକାରୀ (ସିଏନଓ)ଙ୍କଦ୍ୱାରା କ୍ଷେତ୍ର ତଦାରଖ, ଆର୍ଥିକ ପ୍ରଗତି, କ୍ଷମତା ନିର୍ମାଣ, ଯୋଜନାଗୁଡ଼ିକର ସମନ୍ୱୟ ଏବଂ ଲାଭାର୍ଥୀ-ସ୍ତରୀୟ ଫଳାଫଳକୁ ଟ୍ରାକ୍ କରିବା ପାଇଁ ବିକଶିତ କରାଯାଉଥିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା।

## ୟୁକ୍ରେନରେ ରୁଷିଆର ଡ୍ରୋନ୍ ଆକ୍ରମଣ: ୧୨ ମୃତ

କିଭ୍,୧।୯: ୟୁକ୍ରେନରେ ରୁଷିଆର ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଙ୍ଗଳବାର କହିଛନ୍ତି। ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷିଆ ଡ୍ରୋନ୍ ଏବଂ ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିଛି। ଫଳରେ ବହୁ ଆବାସିକ ଅଟ୍ଟାଳିକା ଓ ବେସାମରିକ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଓଡ଼େସା ସହର ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ସନ୍ଧ୍ୟାରୁ ଗାଇଡେଡ୍ ବୋମା ଓ ଡ୍ରୋନ୍ ଆକ୍ରମଣ ଜାରି ରହିଥିଲା। ଫଳରେ ଅନେକ ହଜାର ପରିବାରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବା ଜେଲେନସ୍କି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି। ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଓଡେସା ଏବଂ କିଭ୍ ସମେତ ଖେର୍ସନ, ଡୋନେସ୍କ, ଜାପୋରିଝିଆ, ଖର୍କଭ, ଚେର୍ନିହିଭ୍, ଝିଟୋମିର, ସୁମି ଏବଂ ଡନିପ୍ରୋ ଅଞ୍ଚଳରେ ଆକ୍ରମଣ ହୋଇଛି। କିଭର ଏକ ରେଲୱେ ଡିପୋ ଉପରେ ଆକ୍ରମଣ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ବୋରିସ୍କିଲରେ ଏକ ୫ ମହଲା ଆବାସିକ ବିଲ୍ଡିଂ କ୍ଷତିଗ୍ରସ୍ତ ହେବା ସହ ୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୩ ଜଣ ଆହତ ହୋଇଛନ୍ତି।

## ମଣିପୁର ହିଂସା: ୩ ଗାଁରେ ୧୦ ଘର ଜାଳିଦେଲେ



ଇମ୍ଫାଲ,୧।୯: ମଣିପୁରରେ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି। ତିଖାଙ୍ଗ କୁକି ଗ୍ରାମରେ ଗୁଳିମାଡ଼ ଯୋଗୁ ୩ ଜଣଙ୍କର ମୃତ୍ୟୁ ହେବାପରେ ଆଜି ଇମ୍ଫାଲ-ତାମେଙ୍ଗଲଙ୍ଗ ରୋଡ୍ ସଂଲଗ୍ନ ମଣିପୁର କାଙ୍ଗପୋକ୍ପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗ୍ରାମରେ କିଛି ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଛନ୍ତି। ୩ଟି ଗ୍ରାମରେ ପ୍ରାୟ ୧୦ଟି ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ଜଣେ ଗ୍ରାମବାସୀ ଆହତ ହୋଇଛନ୍ତି। କାଙ୍ଗପୋକପି ପୁଲିସ ଅନୁଯାୟୀ, ମଙ୍ଗଳବାର ବଡ଼ି ଭୋର୍ ସମୟରେ ଏହି ଘଟଣା ଘଟିଛି। କିଛି ଅସ୍ତ୍ରଧାରୀ ଦୁର୍ବୃତ୍ତ କାଙ୍ଗପୋକ୍ପି ଜିଲ୍ଲାର ୩ଟି ଗ୍ରାମ ତପୋନ ଖୁଲ୍ଲେନ, ତପୋନ ଖୁନୋଉ ଓ ମକୁଇ ପିପୁରମରେ ଆକ୍ରମଣ କରିଛନ୍ତି। ସୋମବାର ତିଖାଙ୍ଗ କୁକି ଗ୍ରାମରେ କିଛି ସଶସ୍ତ୍ର ଗୋଷ୍ଠୀଙ୍କ ଗୁଳିମାଡ଼ରେ ୨ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୪ ଜଣ ଆହତ ହୋଇଥିଲେ। ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ସିଆର୍ପିଏଫ୍, ମଣିପୁର ପୁଲିସ ସହଯୋଗରେ କୋବ୍ରା ୟୁନିଟ୍ ସମେତ ଅତିରିକ୍ତ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଳ ପୁଲିସ ଅନୁଯାୟୀ, ଦୁର୍ବୃତ୍ତମାନେ ୧୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି। ମେ ୧୩ ତାରିଖରୁ କୁକି-ଜୋ ଓ ନାଗା ସମ୍ପ୍ରଦାୟରୁ ୧୭ ଜଣଙ୍କର ପୃଥକ୍ ହିଂସା ଘଟଣାରେ ମୃତ୍ୟୁ ହୋଇଛି। ଅଗଷ୍ଟ ୨୭ ତାରିଖରେ ଗୁଳିମାଡ଼ରେ ୪ ଜଣ ନାଗା ନାଗରିକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅଗଷ୍ଟ ୩୧ ତାରିଖରେ ୩ ଜଣ କୁକି ନାଗରିକଙ୍କ ମୃତ୍ୟୁ ହୋଇଛି। ତେବେ ଲଗାତାର ଆକ୍ରମଣ ସତ୍ତ୍ୱେ କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଉଲ୍ଲେଖଯୋଗ୍ୟ, ମଣିପୁରରେ ପ୍ରଥମେ ମୈତେୟୀ ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ୨୦୨୩ ମେ'ରୁ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏଥିରେ ୨୬୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି।

# ମୁକ୍ତାକାଶ କାରାଗାରରୁ ଫେରାର କଏଦୀ ଗିରଫ

ଭୁବନେଶ୍ୱର(ନି.ପ୍ର): ଚନ୍ଦକା ଥାନା ଅନ୍ତର୍ଗତ ଜାମୁଝରୀ ସ୍ଥିତ ମୁକ୍ତାକାଶ କାରାଗାରରେ କଏଦୀ ଭାବେ ସଜା କାଟୁଥିବା ବେଳେ ସେଠାରୁ ଫେରାର ହୋଇଯାଇଥିବା କଏଦୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଫେରାର କଏଦୀ ଜଣଙ୍କ ହେଉଛି ସୁଶାନ୍ତ ଭୋଇ। ସେ ୨୦୨୨ ମସିହାରୁ ମୁକ୍ତାକାଶ କାରାଗାରରୁ ଫେରାର ହୋଯାଇଥିଲେ। ଏନେଇ ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ଓପନ୍ ଏୟାର ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସ୍ମିତା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ା ସଦର ଥାନା ଅଞ୍ଚଳର ଅଭିଯୁକ୍ତ ୫୮୯/ଏ- ସୁଶାନ୍ତ ଭୋଇ, ଝାରସୁଗୁଡ଼ା ଏସଟି କେସ୍ ନଂ-୩୪/୨୦୦୯, ଆଇପିସି ର ଧାରା-୩୦୨ ମାମଲାରେ ଆଜୀବନ କାରାଦଣ୍ଡ ପାଇଥିବା ଜଣେ କଏଦୀ। ରାଉରକେଲା ସ୍ପେଶାଲ୍ ଜେଲ୍‌ରୁ ସ୍ଥାନାନ୍ତର ହୋଇ ତାଙ୍କୁ ଗତ ୨୦୨୧ ମସିହା ଜୁଲାଇ ୧୦ ତାରିଖ ଦିନ ବିଜୁ ପଟ୍ଟନାୟକ ଓପନ୍ ଏୟାର ଜେଲ୍, ଜାମୁଝରୀକୁ ଅଣାଯାଇଥିଲା। ତେବେ ସେପ୍ଟମ୍ବର ୩ ତାରିଖ ୨୦୨୨ ମସିହାରେ ସେ ବିଜୁ ପଟ୍ଟନାୟକ ଓପନ୍ ଏୟାର ଜେଲ୍, ଜାମୁଝରୀରୁ କୌଶଳ କ୍ରମେ ଖସି ପଳାଇଯାଇଥିଲେ। ଏନେଇ ଜେଲର ସୁପରିଣ୍ଟେଣ୍ଡେଣ୍ଟ ସ୍ମିତା ମହାନ୍ତି ଚନ୍ଦକା ଥାନାରେ ଲିଖିତ ଭାବେ ଜଣାଇଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତ ଝାରସୁଗୁଡ଼ା ସଦର ଥାନା ଅଧୀନ ନିଜ ଘରେ ଥିବା ନେଇ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ମିଳିଥିବା ସୂଚନା କ୍ରମେ ପୋଲିସ ଝାରସୁଗୁଡ଼ା ସଦର ଥାନାର ସହଯୋଗରେ ଚଢଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

# ପଇଡ଼ ବ୍ୟବସାୟରେ ସାମିଲ ନ ହେବାରୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ପଇଡ ବ୍ୟବସାୟୀ ଅଭିଯୁକ୍ତଙ୍କ ସହ ପଇଡ ବ୍ୟବସାୟ କରିବାକୁ ମନା କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଅଶୋକ କୁମାର ଜେନା ଓରଫ ନେବି (୩୮) ଓ ତାଙ୍କ ଘର ଜେନା ସାହି ପାତ୍ରପଡାରେ ବୋଲି ଜଣାପଡିଛି। ଏନେଇ କମଳାକାନ୍ତ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ତାମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ା ଜେନାସାହିର ବ୍ରଜବନ୍ଧୁ ଜେନାଙ୍କ ପୁଅ ଅଭିଯୁକ୍ତ ଅଶୋକ କୁମାର ଜେନା ଓରଫ୍ ନବି କଳିଙ୍ଗ ବିହାର ଛକଠାରେ "ମା' ମଙ୍ଗଳା ହୋଟେଲ" ନାମରେ ଏକ ହୋଟେଲ ଚଳାଉଛନ୍ତି। ଅଭିଯୋଗକାରୀ କମଳାକାନ୍ତ ନାୟକ ହୋଲସେଲ ପଇଡ ବ୍ୟବସାୟ କରନ୍ତି ଏବଂ ନିଜ ଗାଡ଼ିରେ ବିଭିନ୍ନ ବ୍ୟବସାୟୀଙ୍କୁ ପଇଡ ଯୋଗାଇଥାନ୍ତି। ଅଭିଯୁକ୍ତ ଅଶୋକ କୁମାର ଜେନା ମଧ୍ୟ କଳିଙ୍ଗ ବିହାର ବସ୍ ଷ୍ଟପ୍ ନିକଟରେ ଆର୍.କେ. ଷ୍ଟିଲ୍ ସାମ୍ନାରେ ଅମରେନ୍ଦ୍ର ପରିଡ଼ାଙ୍କ ଦୋକାନ ପାଖରେ ଏକ ପଇଡ ଦୋକାନ ଚଳାଉଥିଲେ। ସେ ଅଭିଯୋଗକାରୀଙ୍କୁ ପଇଡ ଯୋଗାଇବାକୁ କହିଥିଲେ। କିନ୍ତୁ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ଭାବେ ଜାଣିନଥିବା ସହ ସେ ବ୍ୟବସାୟୀମାନଙ୍କୁ ଠିକ୍ ସମୟରେ ଟଙ୍କା ଦିଅନ୍ତି ନାହିଁ ବୋଲି ଶୁଣିଥିବାରୁ ତାଙ୍କୁ ପଇଡ ଦେବାକୁ ମନା କରିଦେଇଥିଲେ। ଏହି କାରଣରୁ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଉପରେ ରାଗ ରଖିଥିଲେ। ପ୍ରାୟ ୮ ମାସ ପୂର୍ବେ ଅଭିଯୁକ୍ତ ଜଣକ ଅଭିଯୋଗକାରୀ ଓ ତାଙ୍କ ପିଲା ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହାପରେ ମଧ୍ୟ ସେ ବାରମ୍ବାର ଫୋନ୍ କରି ଅଭିଯୋଗକାରୀଙ୍କୁ ପଇଡ ଦେବା ପାଇଁ ଚାପ ପକାଉଥିଲେ। ଗତ ୨୭ ତାରିଖ ରାତି ପ୍ରାୟ ୯ଟା୪୫ ସମୟରେ ଅଭିଯୁକ୍ତ ଅଶୋକ କୁମାର ଜେନା ଓରଫ୍ ନବି ଅଭିଯୋଗକାରୀଙ୍କୁ ଫୋନ୍ କରି ଅଶ୍ରାବ୍ୟ ଓ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ସେ ଅଭିଯୋଗକାରୀଙ୍କୁ ଧମକ ଦେଇ କହିଥିଲେ ଯେ, ପୂର୍ବରୁ ସେ "ଭୁଆସୁଣି ହୋଟେଲ"ରେ ନିଆଁ ଲଗାଇଥିବା ଅଭିଯୋଗ ଯେପରି ରହିଛି, ସେହିପରି ଅଭିଯୋଗକାରୀ ଓ ତାଙ୍କ ଗାଡ଼ିରେ ନିଆଁ ଲଗାଇଦେବେ ଏବଂ ତାଙ୍କୁ ମାରିଦେବେ। ଏହି ଧମକ ପରେ ଅଭିଯୋଗକାରୀ ନିଜ ଜୀବନ ଓ ସମ୍ପତ୍ତି ପ୍ରତି ବିପଦ ଥିବା ଆଶଙ୍କା କରି ଘଟଣା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।

# ୨୫ କିଲୋ ଗଞ୍ଜେଇ ଜବତ: ୨ ଗିରଫ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର କେଚରପଡ଼ା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ବିକ୍ରି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, କେଚରପଡ଼ା ଗ୍ରାମରେ କଙ୍ଗୋ ସିଗାରେଟ୍ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରାଯାଉଥିବା ନେଇ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସୀ କରାଯାଇ ୨୫ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ କେଚରପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ (୩୨) ଓ ରଶ୍ମୀକାନ୍ତ ବାରିକ (୪୦)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କୁ ପରବର୍ତ୍ତୀ ଆଇନାନୁଯାୟୀ ପଦକ୍ଷେପ ସ୍ୱରୂପ କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା। ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ବୁଲା କୁକୁର ଆତଙ୍କ: ନିଜକୁ ସୁରକ୍ଷିତ ମଣୁନାହାନ୍ତି ଲୋକେ



ଆଠଗଡ଼(ନିପ୍ର): ଆଠଗଡ଼ ବିଜ୍ଞାପିତ ଅଞ୍ଚଳରେ ବୁଲା କୁକୁରଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ବିଭିନ୍ନ ୱାର୍ଡରେ ବୁଲା କୁକୁରମାନଙ୍କ ପ୍ରାଦୁର୍ଭାବ ଫଳରେ ଛାତ୍ରଛାତ୍ରୀ ତଥା ଜନସାଧାରଣ ଘରୁ ବାହାରି ପୁଣି ଫେରିବା ବାଟରେ କୁକୁର ଆକ୍ରମଣର ଶିକାର ହେବାର ଆଶଙ୍କା ରହିବା ଫଳରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଆଠଗଡ଼ ବିଭିନ୍ନ ବଜାର ଦେଇ ଯାଇଥିବା ୬୫ ନମ୍ବର ରାଜପଥରେ ଦଳଦଳ ହୋଇ ବୁଲା କୁକୁରଙ୍କୁ ଦେଖିବାକୁ ମିଳୁଛି। ଏହାଦ୍ୱାରା ଛୋଟବଡ଼ ଦୁର୍ଘଟଣା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବୁଲା କୁକୁର ରାସ୍ତାରେ ସାଇକେଲ ଓ ବାଇକ୍ ଆରୋହୀଙ୍କୁ ଭୁକିଲା ସହ ଗୋଡ଼ାଉଛନ୍ତି। ଅଗଷ୍ଟ ମାସରେ ପ୍ରତିଦିନ। କେବଳ ଆଠଗଡ଼ ଏନଏସି ଅଞ୍ଚଳରୁ ପ୍ରାୟ ୪ଜଣରୁ ୫ ଜଣ ବୁଲା କୁକୁର କାମୁଡ଼ାରେ ଆହତ ରୋଗୀ ଚିକିତ୍ସା ନିମନ୍ତେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିବା ଚିକିତ୍ସାଳୟ ସୂତ୍ରରୁ ସୂଚନା ମିଳିଛି। ରାତ୍ରରେ ବୁଲା କୁକୁରଙ୍କ ରଡିରେ ଶାନ୍ତିରେ ଶୋଇପାରୁ ନାହାନ୍ତି ଅଞ୍ଚଳବାସୀ ବୋଲି ଅଭିଯୋଗ ହେଉଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷାନୁଷ୍ଠାନ ପାର୍ଶ୍ୱରେ ନିଶା ବେପାର, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ଶିକ୍ଷାନୁଷ୍ଠାନ କଡରେ କୋଡ଼ୱାର୍ଡରେ ଚାଲିଛି ନିଶା କାରବାର ନିଶା ମାଫିଆଙ୍କ ଟାର୍ଗେଟରେ କଲେଜ ପଢୁଆ ପିଲା ବା ଯୁବପୀଢି ଏଭଳି ଘଟଣା କମିଶନରେଟ୍ ପୋଲିସ୍ ନଜରକୁ ଆସିବା ପରେ ମଙ୍ଗଳବାର କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ ଏକ ସ୍ୱତନ୍ତ୍ର ଅଭିଯାନରେ କଳ୍ପନା, ରବିଟକିଜ, ଚିଲି ପୋଖରୀ, ଟଙ୍କପାଣି ରୋଡ଼ ଆଦି ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ବିଭିନ୍ନ ପାନ ଓ ଷ୍ଟେସନାରୀ ଦୋକାନରେ ଚଢ଼ାଉ ବେଳେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଛି। ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ ସାଙ୍ଗକୁ ଗଞ୍ଜେଇ ପୁଡ଼ିଆ ଜବତ ହୋଇଛି। ଚୁର୍ମା, ଭାଙ୍ଗ, ଗୋଗୋ ପେପର ଜବତ ହୋଇଛି। ନିଶା ମୁକ୍ତ ଭାରତ ଅଭିଯାନ ଅଧୀନରେ ନିୟମିତ ବ୍ୟବଧାନରେ ଚଢ଼ାଉ ଚାଲିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନ କଡରେ ନିୟମିତ ନିଶା ବ୍ୟବସାୟ ଚାଲୁ ରହିଥିବା ନଜରକୁ ଆସିଛି। ଛୋଟ ମୋଟ ଦୋକାନୀଙ୍କୁ ଧରି କମିଶନରେଟ୍ ପୋଲିସ୍ ବାହା ବାଃ ନେଉଥିବାବେଳେ ଗୋଗୋ ବିକ୍ରି ହେଉଥିବା ଗୋଦାମ ହେଉ କି ଗଞ୍ଜେଇ ମିଳୁଥିବା ଉତ୍ସକୁ ଖୋଜିବାରେ ଅଧିକ ଧ୍ୟାନ ଦେଉ ବୋଲି ଦୋକାନୀ ଦାବି କରିଛନ୍ତି।

---

### କଟକ ଡିସିପିଙ୍କ କଡା ଚେତାବନୀ

# ଜୋରଜବରଦସ୍ତ ଚାନ୍ଦା ମାଗିଲେ ୧୧୨କୁ କଲ୍ କର

କଟକ(ନିପ୍ର): ପାର୍ବଣ ପୂର୍ବରୁ କଟକ ଡିସିପିଙ୍କ କଡା ଚେତାବନୀ । ଜୋରଜବରଦସ୍ତି ଚାନ୍ଦା ଆଦାୟ କଲେ ନିଆଯିବ କଡା କାର୍ଯ୍ୟାନୁଷ୍ଠାନ। ଜବରଦସ୍ତ ଚାନ୍ଦା ମାଗୁଥିଲେ ୧୧୨କୁ କଲ କରିବା ସହ ଟୋଲ ଫ୍ରି ନମ୍ବରରେ କଲ କରିବା ପାଇଁ କଟକ ଡିସିପିଙ୍କ ଅନୁରୋଧ। ପାର୍ବଣ ପାଇଁ ଆଉ କିଛି ଦିନ ବାକି ଥିବାବେଳେ ସହରରେ ଏହି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପାଳନ କରିବା ଲାଗି କଟକ ପୋଲିସ୍ ବର୍ତ୍ତମାନଠାରୁ ସୁରକ୍ଷା, ଭିଡ଼ ଓ ଶବ୍ଦ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କଡା ଆହ୍ୱାନ ନେବାର ଦେଖିବାକୁ ମିଳିଛି । ଆଗକୁ ଆସୁଛି ଦୁର୍ଗପୂଜା। ଏନେଇ କଟକ ସହର ପୁରା ଚଳଚଞ୍ଚଳ ହୋଇଉଠିଛି । ହେଲେ ପାର୍ବଣ ପହଞ୍ଚିଲେ ଅନେକ ଲୋକ ଜୋରଜବରଦସ୍ତ ଚାନ୍ଦା ଆଦାୟ କରିଥାନ୍ତି। ଯାହାକୁ ନେଇ ଅନେକ ଅଭିଯୋଗ ମଧ୍ୟ ଆସିଥାଏ । କିନ୍ତୁ ଏଥର କଟକ ଡିସିପି କଡା ଚେତାବନୀ ଦେଇଛନ୍ତି । ପାର୍ବଣରେ ଶାନ୍ତି ବଜାୟ ରଖିବା ପାଇଁ ଅନେକ ପେଷାଦାର ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ।

---

### ପୁରୀ ବେଳାଭୂମିରେ ବଡ଼ ଅଘଟଣ

# ଲାଇଟ୍ ହାଉସ୍ ନିକଟ ସମୁଦ୍ରରେ ବୁଡ଼ି ଜଣେ ମୃତ

ପୁରୀ: ପୁରୀ ବେଳାଭୂମିରେ ବଡ଼ ଅଘଟଣ । ଲାଇଟ୍ ହାଉସ୍ ନିକଟ ସମୁଦ୍ରରେ ବୁଡ଼ି ଜଣେ ମୃତ। ସେହିଭଳି ଜଣେ ଗୁରୁତର ମଧ୍ୟ ହୋଇଥିବା ଜଣାପଡ଼ିଛି। ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ରାଣୀପୁରର ସୁମିତ୍ ଗୁପ୍ତା। ଗୁରୁତର ବିହାରର ଅନୀଶ ସିଂହଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଲାଇଟ୍ ହାଉସ୍ ସମୁଦ୍ର ନିକଟରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ ୫ ଜଣ ପର୍ଯ୍ୟଟକ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରେ ସୁମିତଙ୍କର ମୃତ୍ୟୁ ହୋଇଥିବା ବେଳେ ଅନୀଶ ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଛନ୍ତି।

# ଇଟାମାଟି ଅଞ୍ଚଳର ନାବାଳିକା ଭାପୁରରୁ ଉଦ୍ଧାର

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଭାପୁର ବଜାର ଉପରୁ ମଙ୍ଗଳବାର ଅପରାହ୍ନରେ ଇଟାମାଟି ପୋଲିସ ଉଦ୍ଧାରକରି ନିଜ ହେପାଜତରେ ନେଇଥିବା ଭାପୁର ଆଉଟପୋଷ୍ଟ ତରଫରୁ ପ୍ରକାଶ। ଘଟଣାରୁ ପ୍ରକାଶ, ଜନୈକା ନାବାଳିକା ତା ମାମୁଁ ଘର ଇଟାମାଟି ଥାନା ଅଞ୍ଚଳରେ ରହୁଥିବାବେଳେ ସେହି ଅଞ୍ଚଳର ଜଣେ ଯୁବକ ନାବାଳିକାକୁ ଅପହରଣ କରି ଭାପୁର ବ୍ଲକ ଅଞ୍ଚଳକୁ ଆଣିଥିଲେ। ଏହି ଅପହରଣ ଘଟଣା ଇଟାମାଟି ଥାନାରେ ଅଭିଯୋଗ ହେବାପରେ ଭାପୁର ବଜାରରେ ନାବାଳିକାଟି ରହିଥିବା ଜାଣି ଇଟାମାଟି ଥାନା ପୋଲିସ ସଦଳବଳେ ଚଢ଼ାଉ କରି ନାବାଳିକାକୁ ଉଦ୍ଧାର କରିବା ସହିତ ସାଙ୍ଗରେ ଇଟାମାଟି ଥାନାକୁ ନେଇଯାଇଥିବା ଜଣାପଡିଛି।

# ଗୋ-ଚାଲାଣ ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ ଭାବେ ଗୋ ଚାଲାଣ କରୁଥିବା ଅଭିଯୋଗରେ ଇନ୍‌ଫୋସିଭ୍ୟାଲି ଥାନା ପୋଲିସ ମଙ୍ଗଳବାର ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବିହାର ମୁଜଫରାପୁରର ଅଜୟ କୁମାର (୩୦),ଭୋଲା ରାମ (୬୫) ଓ ଅଶୋକ କୁମାର (୪୦)। ଏନେଇ ଭାନୁପ୍ରତାପ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ନିବାସୀ ଭାନୁପ୍ରତାପ ଗୋ-ରକ୍ଷା ବାହିନୀର ଜଣେ ସଦସ୍ୟ। ଝାଡଖଣ୍ଡ ନମ୍ବର ଥିବା ଏକ ବାଣିଜ୍ୟିକ ଗାଡ଼ିରେ ମଇଁଷି ମାନଙ୍କୁ ଅତ୍ୟନ୍ତ ଅମାନବୀୟ ଓ ନିର୍ଦ୍ଦୟ ଭାବେ ଚାଲାଣ କରାଯାଉଥିବା ନେଇ ତାଙ୍କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ପାଇ ସେ ତାଙ୍କ ସହଯୋଗୀମାନଙ୍କ ସହ ଗଙ୍ଗାପଡ଼ା ଠାରେ ନଜର ରଖିଥିଲେ। ଆଜି ଭୋର ପ୍ରାୟ ୪ରୁ ୪ଟା୩୦ ସମୟରେ ସେମାନେ ଏକ ବାଣିଜ୍ୟିକ ଗାଡ଼ିକୁ ସନ୍ଦେହଜନକ ତଥା ଅସ୍ୱାଭାବିକ ଭାବରେ ଯାଉଥିବା ଦେଖିଥିଲେ। ପରେ ସେମାନେ ଗଙ୍ଗାପଡ଼ା ସ୍ଥିତ ଦିଲୁ ଢାବା ପାଖରେ ଗାଡ଼ିଟିକୁ ଅଟକାଇଥିଲେ । ଗାଡ଼ିଟି ଯାଞ୍ଚ କରିବା ସମୟରେ ସେଥିରେ ୦୯ଟି ବଡ଼ ମଇଁଷି ଏବଂ ୦୮ଟି ମଇଁଷି ବାଛୁରୀକୁ ମିଶାଇ ମୋଟ ୧୭ଟି ମଇଁଷି ଥିବା ଦେଖାଯାଇଥିଲା । ପଶୁମାନଙ୍କୁ ଏଭଳି ଭାବେ ଗାଡ଼ିରେ ନେବା ନିର୍ଦ୍ଧାରିତ ମାନବିକ ପରିବହନ ନିୟମ ଅନୁଯାୟୀ ନଥିଲା। ପଚରାଉଚରା ସମୟରେ ଗାଡ଼ିରେ ଥିବା ବ୍ୟକ୍ତିମାନେ କହିଥିଲେ ଯେ, ସେମାନେ ମଇଁଷି ମାନଙ୍କୁ ବିହାରର ମୁଜାଫରପୁରରୁ, ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଅଭିମୁଖେ ଚାଲାଣ କରୁଥିଲେ । ଅଧିକ ପଚରାଉଚରା ସମୟରେ ସମ୍ପୃକ୍ତ ବ୍ୟକ୍ତିମାନେ ମଇଁଷି ମାନଙ୍କ ସମ୍ପର୍କରେ କୌଣସି ବୈଧ ସ୍ୱାସ୍ଥ୍ୟ/ପଶୁ ଚିକିତ୍ସା ପ୍ରମାଣପତ୍ର କିମ୍ବା ସେମାନଙ୍କର ଆଇନସମ୍ମତ ମାଲିକାନା ଓ ପରିବହନ ସମ୍ପର୍କିତ ସନ୍ତୋଷଜନକ କାଗଜପତ୍ର ଦେଖାଇ ପାରିନଥିଲେ । ଘଟଣାସ୍ଥଳରେ ମଇଁଷି ମାନଙ୍କର ମାଲିକ କିଏ ତାହା ମଧ୍ୟ ସନ୍ତୋଷଜନକ ଭାବେ ଜଣାପଡ଼ିନଥିଲା । ପରେ ଅଭିଯୋଗକାରୀ ତୁରନ୍ତ ଜରୁରୀକାଳୀନ ହେଲ୍ପଲାଇନ୍ ୧୧୨ ମାଧ୍ୟମରେ ପିସିଆରକୁ ସୂଚନା ଦେଇଥିଲେ । ସୂଚନା ପାଇ ପିସିଆର କର୍ମଚାରୀମାନେ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପାଇଁ ଗାଡ଼ିଟି ସହ ୧୭ଟି ମଇଁଷିକୁ ଥାନାକୁ ଆଣିଥିଲେ। ଏହି ମାମଲାର ଅଧିକ ତଦନ୍ତ କାଳରେ ପୋଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମଇଁଷି ଗୁଡିକୁ ଉଦ୍ଧାର କରିଥିବା ବେଳେ, ସମ୍ପୃକ୍ତ ଆଇଚର ଟ୍ରକକୁ ମଧ୍ୟ ଜବତ କରିଛି।

### ଏସ୍‌ସିବି ଆର୍ଥିକ ଦୁର୍ନୀତିର ଚାଲିଛି ଖୋଳତାଡ଼

# ବର୍ତ୍ତମାନ ସୁଦ୍ଧା ୨୦୭ଟି ବିଲ୍‌ରେ ହେରଫେର ହୋଇଥିବା ଠାବ

କଟକ(ନିପ୍ର): ଏସ୍‌ସିବି ଆର୍ଥିକ ଦୁର୍ନୀତିର ଚାଲିଛି ଖୋଳତାଡ଼ । ୨୦୭ଟି ବିଲ୍‌ରେ ହେରଫେର ହୋଇଥିବା ବର୍ତ୍ତମାନ ସୁଦ୍ଧା ଠାବ ହୋଇଛି । କଟକ ଏସ୍‌ସିବି ବଡ଼ ମେଡିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର ଘଟଣାରେ ଅଭିଯୁକ୍ତ ଡାଟା ଏଣ୍ଟ୍ରି ଅପରେଟର ଦିନେଶ କୁମାର ରାଉତଙ୍କୁ ନେଇ ସାମ୍ନାକୁ ଆସୁଛି ଚାଞ୍ଚଲ୍ୟକର ତଥ୍ୟ । ଗତ କିଛି ବର୍ଷରେ ଅନେକ ବିଲ୍‌ରେ ହେରଫେର ନେଇ ତଥ୍ୟ ପୁଲିସ ହାତରେ ଲାଗିଛି । ସେପଟେ ଆର୍ଥିକ ହେରଫେର୍ ମାମଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଡିଟ୍ କରିବାକୁ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଏକ ଟିମ୍ ଏସ୍‌ସିବିରେ ପହଞ୍ଚି ଅଡିଟ୍ ଆରମ୍ଭ କରିବେ । ୨୦୧୬-୧୭ରୁ ୨୦୨୫-୨୬ ଯାଏଁ ଏହି ଅଡିଟ୍ କରାଯିବ । ଅଡିଟ୍ କରାଯିବା ପରେ ଏହାର ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯିବ। ପରେ ପରବର୍ତ୍ତୀ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିବା ନେଇ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି । ଏସ୍‌ସିବିରେ କର୍ମଚାରୀଙ୍କ ଟଙ୍କା ହଡ଼ପ ଘଟଣାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ଡାଟା ଏଣ୍ଟ୍ରି ଅପରେଟର୍ (ଡିଇଓ) ଦୀନେଶ ରାଉତକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ମାମଲାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି । ସୂଚନା ଅନୁସାରେ, ୨୦୧୬ରୁ ୨୦୨୬ ଯାଏଁ ଗତ ୧୦ ବର୍ଷ ଭିତରେ ୨ ଲକ୍ଷ ୪୦ ହଜାର ଦରମା ବିଲ୍ ପ୍ରସ୍ତୁତ ହୋଇଛି । ଏଥିରେ ୨୦୭ଟି ବିଲ୍‌ରେ ହେରଫେର ହୋଇଥିବା ବର୍ତ୍ତମାନ ସୁଦ୍ଧା ଠାବ ହୋଇଛି। ଅର୍ଥାତ୍ ବାର୍ଷିକ ୨୦ଟି ବିଲ୍‌ରେ ହେରଫେର୍ ହୋଇଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି।


# ବେକାରି ଓ ପ୍ରେମ ପ୍ରତ୍ୟାଖ୍ୟାନରୁ ମହାନଦୀକୁ ଡେଇଁଲେ ଯୁବକ

କଟକ(ନିପ୍ର): ବେକାରୀ ସମସ୍ୟା ପାଇଁ ପ୍ରେମିକାଠାରୁ ପ୍ରତ୍ୟାଖ୍ୟାତ ହେବା ପରେ ମଙ୍ଗଳବାର ପ୍ରାୟ ୩ଟା ବେଳେ ଜଣେ ଯୁବକ ମହାନଦୀକୁ ଡେଇଁଥିବା ଜଣାପଡିଛି । ଯୁବକ ଜଣକ ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହିର ସୁବାଶିଷ ଲେଙ୍କା (୨୮) । ଖବର ପାଇ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଠାବ କରିପାରିନାହାନ୍ତି । ସନ୍ଧ୍ୟାରେ ଅନ୍ଧକାର ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ମିଳିଥିବା ସୂଚନା ଅନୁଯାୟୀ ସୁବାଶିଷ ଦିନ ପ୍ରାୟ ୩ଟା ବେଳେ ଶିଖରପୁର ପଟ ମହାନଦୀ ପୋଲ ଉପରେ ତାଙ୍କ ବାଇକ (ଓଡି ୩୩ - ୧୩୦୧) ଓ ବ୍ୟାଗ ରଖି ମହାନଦୀକୁ ଡେଇଁଥିଲେ । କିଛି ପ୍ରତ୍ୟକ୍ଷଦର୍ଶୀ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଜଗତପୁର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ । ପୋଲିସ ଘଟଣା ସ୍ଥଳରେ ଥିବା ବାଇକ ଓ ବ୍ୟାଗରୁ ଆଧାର କାର୍ଡ ଓ ପରିଚୟ ପତ୍ର ପାଇ ତାଙ୍କ ପରିବାରକୁ ଖବର ଦେଇଥିଲେ। ତାଙ୍କ ମା' ପହଞ୍ଚିବା ପରେ ତାଙ୍କ ପୁତ୍ର ବର୍ଷେ ଦୁଇ ବର୍ଷ ହେବ ଟେନସନରେ ରହୁଥିବା କହିଥିଲେ। ଆଜି ପ୍ରାୟ ଗୋଟାଏ ବେଳେ ସେ ତାଙ୍କ ପୁତ୍ର ସହ ଫୋନରେ କଥା ହୋଇଥିଲେ ଓ ସେ କିଛି ସମୟ ପରେ ଖାଇବାକୁ ଯିବାକୁ କହିଥିଲେ। ସେ ପୂର୍ବରୁ ଜ୍ୟୋତି ମୋଟର୍ସରେ କାର୍ଯ୍ୟ କରୁଥିବା ବେଳେ ସେଠାରେ କାର୍ଯ୍ୟ କରୁଥିବା ଯୁବତୀ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏହି ସମ୍ପର୍କ ପ୍ରାୟ ୯ ବର୍ଷର । ପରେ ସେଠାରୁ ଚାକିରି ଛାଡି ସେ ଆନ୍ଧ୍ରା ବିଇଡି କରିଥିଲେ। ବିଏସସି, ବିଇଡି ହୋଇଥିଲେ ମଧ୍ୟ କୌଣସି ଚାକିରି ପାଇନଥିଲେ । ଚାକିରି ନପାଇ ବେକାର ଥିବାରୁ ସମ୍ପୃକ୍ତ ଯୁବତୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା ଓ ସେଥିପାଇଁ ସେ ଟେନସନରେ ରହୁଥିଲା ବୋଲି ତାଙ୍କ ମା' କହିଛନ୍ତି । ସେଥିପାଇଁ ସେ ଏଭଳି ଚରମ ପଦକ୍ଷେପ ନେଇଛି ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି । ଯୁବକଙ୍କ ପିତା ଜଣେ ଏଲଆଇସି ଏଜେଣ୍ଟ । ଆସନ୍ତାକାଲି ସକାଳେ ପୁନର୍ବାର ଉଦ୍ଧାର କାର୍ଯ୍ୟ ଚାଲିବ ବୋଲି ସୂଚନା ମିଳିଛି ।

### ଘରୋଇ ଯାତ୍ରୀବାହୀ ବସ୍‌ରେ ମହିଳା ଯାତ୍ରୀଙ୍କ ସୁନା ଓ ରୁପା ଅଳଙ୍କାର ଲୁଟ୍

# ମହାରାଷ୍ଟ୍ରର ୩ ମହିଳା ଗିରଫ: ଚୋରି ଅଳଙ୍କାର ଜବତ

ହିଞ୍ଜିଳିକାଟୁ(ନିପ୍ର): ଏକ ଘରୋଇ ଯାତ୍ରୀବାହୀ ବସରେ ଯାତ୍ରା କରୁଥିବା ଜଣେ ମହିଳା ଯାତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗରୁ ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଛି। ସେହି ଯାତ୍ରୀବାହୀ ବସରେ ଯାତ୍ରା କରୁଥିବା ମହାରାଷ୍ଟ୍ର ଅଞ୍ଚଳର ୩ ଜଣ ମହିଳା କୌଶଳକରି ସମ୍ମୁଖ ସିଟରେ ବସିଥିବା ମହିଳାଙ୍କ ବ୍ୟାଗରୁ ସୁନା ଓ ରୁପା ଅଳଙ୍କାର ଲୁଟ୍ କରିଥିଲେ। ଏଭଳି ଏକ ଘଟଣା ମଙ୍ଗଳବାର ହିଞ୍ଜିଳି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସଂପୃକ୍ତ ଲୁଟ୍ ଘଟଣାରେ ହିଞ୍ଜିଳି ପୁଲିସ ମହାରାଷ୍ଟ୍ର ଅଞ୍ଚଳର ୩ ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କଠାରୁ ଲୁଟ୍ ହୋଇଥିବା ସୁନା ମଙ୍ଗଳସୂତ୍ର, ୨ଟି ରୁପା ପାଉଁଜି ଓ ୬ଟି ରୁପା ମୁଦି ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୬୧୯/୨୬ରେ ଏକ ମାମଲା ରୁଜୁକରି ଗିରଫ ୩ ମହିଳାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ହିଞ୍ଜିଳି ଥାନା ନନ୍ଦିକ ଗ୍ରାମର ଜଣେ ମହିଳା ସୁନିତା ବେହେରା (୪୨) ସୋମବାର



ସକାଳେ ବାପଘର ଗ୍ରାମ ବ୍ରହ୍ମପୁର ସଦର ଥାନା ଆଙ୍କଶପୁର ଗ୍ରାମରୁ ଏକ ଘରୋଇ ଯାତ୍ରୀବାହୀ ବସ୍ ଯୋଗେ ଫେରୁଥିଲେ। ରାସ୍ତାରେ ବସ୍ କଣ୍ଡକ୍ଟର ମହିଳାଙ୍କୁ ବସ୍ ଭଡା ବାବଦକୁ ଟଙ୍କା ମାଗିବାରୁ ମହିଳା ଜଣଙ୍କ ଭ୍ୟାନିଟ୍ ବ୍ୟାଗ୍ ଖୋଲାଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଭ୍ୟାନିଟ୍ ବ୍ୟାଗ୍ ଭିତରେ ରଖାଯାଇଥିବା ଏକ ମନିପର୍ସ ସହ ସୁନା ମଙ୍ଗଳସୂତ୍ର, ୨ଟି ରୁପା ପାଉଁଜି ଓ ୬ଟି ରୁପା ମୁଦି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଚୋରି ଘଟଣା ନେଇ ମହିଳା ଜଣଙ୍କ ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଚିତ୍କାର କରି କହିଥିଲେ। ମହିଳାଙ୍କ ପାଟିଶୁଣି ବସ୍ ଟର୍ମିନାଲ ପରିସରରେ ଥିବା କିଛି ଯାତ୍ରୀ ଓ ବୁଲାବିକାଳି ସଦସ୍ୟମାନେ ଘଟଣା ସ୍ଥଳରେ ରୁଣ୍ଡ ହୋଇଥିଲେ। ସେହି ସମୟରେ ମହାରାଷ୍ଟ୍ର ଅଞ୍ଚଳର ୩ ଜଣ ମହିଳା ସେହି ଘରୋଇ ଯାତ୍ରୀବାହୀ ବସରୁ ଓହ୍ଲାଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ବୁଲାବିକାଳି ସଂଘ ସଦସ୍ୟମାନେ ସଂପୃକ୍ତ ୩ ମହିଳାଙ୍କୁ କାବୁ କରିଥିଲେ। ଖବରପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି କାବୁ କରିଥିବା ୩ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ସଂପୃକ୍ତ ମହିଳାମାନଙ୍କ ଠାରୁ ଲୁଟ୍ ହୋଇଥିବା ମନିପର୍ସ ସହ ସୁନା ମଙ୍ଗଳସୂତ୍ର, ୨ଟି ରୁପା ପାଉଁଜି ଓ ୬ଟି ରୁପା ମୁଦି ଉଦ୍ଧାର କରାଯାଇଥିଲା। ଘରୋଇ ଯାତ୍ରୀବାହୀ ବସରେ ସମ୍ମୁଖ ଭାଗରେ ବସିଥିବ ମହିଳା ଯାତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗରୁ ଲୁଟ୍ କରିଥିବା ନେଇ ସ୍ୱୀକାର କରିଥିଲେ। ପୁଲିସ ସଂପୃକ୍ତ ମହାରାଷ୍ଟ୍ର ଅଞ୍ଚଳର ୩ ଜଣ ମହିଳା ଲୁଟେରାଙ୍କୁ ଗିରଫ କରିଥିଲା। ଗିରଫ ମହିଳା ଲୁଟେରାମାନେ ହେଲେ ମହାରାଷ୍ଟ୍ର ରାଜ୍ୟ ନାଗପୁର ଜିଲ୍ଲା ପିପିରି ଥାନା କନହନ୍ ବିଷ୍ଣୁ ଲକ୍ଷ୍ମୀନଗର ଅଞ୍ଚଳର ପଞ୍ଚଫୁଲା ତାରାଚାନ୍ଦ ପାତ୍ରେ (୬୦), ସୋନି ଶିବମ ବିଶ୍ୱେ (୩୫) ଓ ସିଙ୍କୁ ଶେଖର ପାତ୍ରେ (୪୦) । ଗିରଫ ମହିଳା ମାନେ ଅନ୍ୟ କେଉଁ କେଉଁ ସ୍ଥାନରେ ଲୁଟ୍ କରିଛନ୍ତି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

# କନକଦୁର୍ଗା ମନ୍ଦିର ଦାନହୁଣ୍ଡିରୁ ଟଙ୍କା ଲୁଟ୍ ଅଭିଯୋଗ




ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ହିଞ୍ଜିଳି କନକଦୁର୍ଗା ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ କାଚ ଦାନହୁଣ୍ଡିରୁ ପ୍ରାୟ ୩୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ମଙ୍ଗଳବାର ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତିରେ ପୂଜକ ମନ୍ଦିର ବନ୍ଦକରି ଘରକୁ ଫେରିଥିଲେ। ମଙ୍ଗଳବାର ସକାଳେ ପୂଜକ ମନ୍ଦିରରେ ପହଞ୍ଚି ମନ୍ଦିର ପରିସରରେ ଥିବା ଦାନହୁଣ୍ଡିରୁ କେହି ଟଙ୍କା ଲୁଟି ନେଇଥିବା ନେଇ ମନ୍ଦିର କମିଟି ସଦସ୍ୟଙ୍କୁ ଜଣାଇଥିଲେ। ମନ୍ଦିର କମିଟି ସଦସ୍ୟ ମନ୍ଦିର ପରିସରରେ ପହଞ୍ଚି ବୁଲି ଦେଖିବା ସହ ଘଟଣା ନେଇ ମନ୍ଦିର କମିଟି ସଦସ୍ୟ ସଞ୍ଜିବ କୁମାର ସାବତ ମଙ୍ଗଳବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାର ତଦନ୍ତ ଚାଲିଛି, ଲୁଟେରାଙ୍କୁ ଯଥାଶୀଘ୍ର ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

# ଏମ୍‌ସିଏଲ୍ ପକ୍ଷରୁ ୪,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ 'ସାଇଲୋ'ର ଶୁଭାରମ୍ଭ



ଅନୁଗୁଳ/ ସମ୍ବଲପୁର, ୧/୯(ନିପ୍ର): କୋଇଲା ପରିବହନ ବ୍ୟବସ୍ଥାର ଆଧୁନିକୀକରଣ, ଯାନ୍ତ୍ରିକୀକରଣ ଏବଂ ସୁଦୃଢ଼ୀକରଣ ଦିଗରେ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାସ୍ଥିତ ଇବ୍ ଭ୍ୟାଲି କୋଇଲା ଖଣି ଅଞ୍ଚଳର ଲଖନପୁର କ୍ଷେତ୍ରରେ ଥିବା ଇବ୍ ଭ୍ୟାଲି କୋଇଲା ୱାଶେରୀଠାରେ ୪,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ସାଇଲୋର ଶୁଭାରମ୍ଭ କରାଯାଇଛି। ଏହି ସାଇଲୋର କାର୍ଯ୍ୟକ୍ଷମତା ଏମ୍‌ସିଏଲ୍‌ର ସମ୍ପ୍ରସାରିତ 'ଫାର୍ଷ୍ଟ ମାଇଲ୍ କନେକ୍ଟିଭିଟି' ଏବଂ ସ୍ୱୟଂଚାଳିତ କୋଇଲା ନିଷ୍କାସନ ଭିତ୍ତିଭୂମିକୁ ଆହୁରି ମଜଭୁତ କରିବ। ଏହା ଆଧୁନିକ କୋଇଲା ପରିଚାଳନା ପ୍ରଣାଳୀକୁ ରେଳ ପରିବହନ ସହିତ ଯୋଡ଼ି ୱାଶେରୀରୁ ଉପଭୋକ୍ତାଙ୍କ ନିକଟକୁ ପରିଷ୍କୃତ କୋଇଲାର ଦ୍ରୁତ ଓ ଦକ୍ଷ ପରିବହନକୁ ସୁଗମ କରିବ, ଯାହାଦ୍ୱାରା ପାରମ୍ପରିକ କୋଇଲା ପରିଚାଳନା ପଦ୍ଧତି ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ପାଣ୍ଡେ ଏବଂ ଭାରତୀୟ ରେଳବାଇର ଏରିଆ ରେଲୱେ ମ୍ୟାନେଜର ଘନଶ୍ୟାମ, ଏମ୍‌ସିଏଲ୍ ଏବଂ ଭାରତୀୟ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଯୌଥଭାବେ ଏହି ସାଇଲୋ ସୁବିଧାର ଉଦ୍‌ଘାଟନ କରିଛନ୍ତି। କୋଇଲା ନିଷ୍କାସନ ପ୍ରକ୍ରିୟାକୁ ଆହୁରି ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ସିଏଲ୍ ନିରନ୍ତର ଭାବେ ଆଧୁନିକ ଯାନ୍ତ୍ରିକୀକରଣକୁ ଆପଣାଉଛି ଏବଂ ଅତ୍ୟାଧୁନିକ ଏଫ୍‌ଏମ୍‌ସି ଓ ରେଳ ଭିତ୍ତିଭୂମିରେ ନିବେଶ କରୁଛି। ଏହି ଅତ୍ୟାଧୁନିକ ସାଇଲୋ ସାହାଯ୍ୟରେ ପରିଷ୍କୃତ କୋଇଲାର ବ୍ୟବସ୍ଥିତ ସଂରକ୍ଷଣ ଏବଂ ରେଳ ରେକ୍‌ଗୁଡ଼ିକରେ ଶୀଘ୍ର ଓ ସ୍ୱୟଂଚାଳିତ ଲୋଡିଂ ସମ୍ଭବ ହୋଇପାରିବ। ଏହାଦ୍ୱାରା ପରିବହନ କାର୍ଯ୍ୟ ସୁଗମ ହେବା ସହ ରେକ୍‌ଗୁଡ଼ିକର ସଠିକ୍ ଉପଯୋଗ ହୋଇପାରିବ ଏବଂ ଉପଭୋକ୍ତାଙ୍କ ନିକଟକୁ କୋଇଲା ଯୋଗାଣ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ ହୋଇପାରିବ। ଏହି ସୁବିଧା ଏମ୍‌ସିଏଲ୍ ଏବଂ ଭାରତୀୟ ରେଳବାଇ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ସହ ନିରବଚ୍ଛିନ୍ନ କୋଇଲା ପରିବହନରେ ସହାୟକ ହେବ।

# ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସୁରକ୍ଷା ମକ୍‌ଡ୍ରିଲ୍

ଅନୁଗୁଳ/ମେରାମଣ୍ଡଳୀ, ୧/୯(ନିପ୍ର): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସଏମ୍) ପକ୍ଷରୁ ଏହାର ଗେଟ୍-୧ ବସ୍ ପାର୍କିଂ ଅଞ୍ଚଳରେ ଏକ ଜରୁରୀକାଳୀନ ସୁରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଏବଂ କାରଖାନାର ଜରୁରୀକାଳୀନ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲର ଆୟୋଜନ କରାଯାଇଥିଲା। ଏ ନେଇ ପ୍ଲାଣ୍ଟର ପ୍ରବେଶ ପଥରେ ଏକ ଟ୍ୟାଙ୍କରରୁ ଆକ୍ୱିଅସ୍ ଆମୋନିଆ ଗ୍ୟାସ୍ ଲିକ୍ ହେବାର କାଳ୍ପନିକ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଏହି ଜରୁରୀ ପରିସ୍ଥିତିର ମୁକାବିଲା, ଗ୍ୟାସ୍ ନିର୍ଗମନ ନିୟନ୍ତ୍ରଣ କରିବା ଏବଂ ବିଭିନ୍ନ ଜରୁରୀକାଳୀନ ସେବା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା କ୍ଷେତ୍ରରେ ଟାଟା ଷ୍ଟିଲର ପ୍ରତିକ୍ରିୟା ଦକ୍ଷତା ପରୀକ୍ଷଣ କରାଯାଇଥିଲା। ଢେଙ୍କାନାଳ ଜୋନ୍‌ର କାରଖାନା ଓ ବଏଲର ସହକାରୀ ନିର୍ଦ୍ଦେଶକ ବିଶ୍ୱଜିତ୍ ପାଣିଗ୍ରାହୀ, ଢେଙ୍କାନାଳ ଏଏଫଓ ଷ୍ଟେସନ ଅଫିସର ଦୀନବନ୍ଧୁ ମଲ୍ଲିକ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ବ୍ଲାଷ୍ଟ ଫର୍ଣ୍ଣେସ୍ ଚିଫ୍ ମୟଙ୍କ ତିୱାରୀଙ୍କ ତତ୍ତ୍ୱାବଧାନରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ କୁସୁପଙ୍ଗା ପଞ୍ଚାୟତର ସରପଞ୍ଚ ଅନିତା ନାୟକ ଏବଂ ନୂଆହାତା ପଞ୍ଚାୟତର ସରପଞ୍ଚ ରେଣୁବାଳା ଧୀର ମଧ୍ୟ ଏହି ମକ୍ ଡ୍ରିଲ୍‌ରେ ଉପସ୍ଥିତ ଥିଲେ।




# ୧୫ ବରିଷ୍ଠ ଓପିଏସ୍‌ଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୧/୯(ନିପ୍ର):** ଓଡ଼ିଶା ରାଜ୍ୟ ପୋଲିସ ବିଭାଗରେ ଏକ ବଡ଼ ଧରଣର ପଦୋନ୍ନତି ହୋଇଛି । ଗୃହ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ପୋଲିସ ସେବା କ୍ୟାଡରର ୧୫ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ଆଜି ଅର୍ଥାତ୍ ସେପ୍ଟେମ୍ବର ୧ ତାରିଖରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ପଦୋନ୍ନତି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପଦୋନ୍ନତି ସମ୍ପୂର୍ଣ୍ଣ ରୂପେ ଅସ୍ଥାୟୀ ଭିତ୍ତିରେ ପ୍ରଦାନ କରାଯାଇଛି। ନିୟମ ଅନୁଯାୟୀ, ଅଧିକାରୀମାନେ ପଦୋନ୍ନତି ପାଇବା ଦିନଠାରୁ ଗୋଟିଏ ବର୍ଷ ପାଇଁ, ଅଥବା ସେମାନଙ୍କ ଅବସର ଗ୍ରହଣ ସମୟ, କିମ୍ବା ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶ ମିଳିବା ପର୍ଯ୍ୟନ୍ତ, ଏହି ପଦବୀ ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ପଦୋନ୍ନତି ପାଇବା ପରେ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଏହି ୧୫ ଜଣ ଅଧିକାରୀ ନିଜ ନିଜର ବର୍ତ୍ତମାନର ପଦବୀ ଓ ସ୍ଥାନରେ କାର୍ଯ୍ୟ ଜାରି ରଖିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳଙ୍କ ଆଦେଶ କ୍ରମେ ସରକାରଙ୍କ ଉପ-ସଚିବ ଆର. ପଣ୍ଡା ଏହି ବିଜ୍ଞପ୍ତି ଜାରି କରିଛନ୍ତି ।

# ନ୍ୟାୟ ପାଇଁ ଦ୍ୱାରସ୍ଥ ହେଲେ ୬ ମହିଳା



**ନୟାଗଡ଼, ୧।୯, (ନିପ୍ର):** ନ୍ୟାୟ ପାଇବା ଆଶାରେ ଆଜି ସକାଳୁ ମହିପୁର ପାଟୁଳିସାହିର ୬ ଜଣ ମହିଳା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ସେମାନଙ୍କୁ ସାମାଜିକ ଭାବେ ବହିଷ୍କାର/ ବୟକଟ୍ କରାଯାଇଥିବା ଅଭିଯୋଗ ନେଇ ସେମାନେ ନ୍ୟାୟ ଆଶାରେ ଏଠାକୁ ଆସିଥିଲେ। ଘଟଣାଟି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରା ଜଜ୍ ଶ୍ରୀମତୀ ଅଜନ୍ତା ଷଡ଼ଙ୍ଗୀଙ୍କ ଦୃଷ୍ଟିକୁ ଆସିବା ପରେ ସେ ଡିଏଲ୍‌ଏସ୍‌ଏ ସଚିବ ଅଞ୍ଜଳି ମଛଖଣ୍ଡଙ୍କୁ ମାମଲାଟିକୁ ଗୁରୁତ୍ୱର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଡିଏଲ୍‌ଏସ୍‌ଏର ସଚିବ ତୁରନ୍ତ ନିୟମିତ ପରିଦର୍ଶନ ସ୍ଥାନରୁ ଫେରିଥିଲେ ଏବଂ ଉକ୍ତ ୬ ଜଣ ମହିଳାଙ୍କ ସହ ସବିଶେଷ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଆଲୋଚନା ସମୟରେ ଜଣାପଡ଼ିଥିଲା ଯେ, ନ୍ୟାୟ ପାଇବା ପାଇଁ ସେମାନେ ପୂର୍ବରୁ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ ଓ ଅଭିଯୋଗ କରିଥିଲେ। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଶେଷରେ ସେମାନେ ନ୍ୟାୟ ଆଶାରେ ଡିଏଲ୍‌ଏସ୍‌ଏ, ନୟାଗଡ଼ର ଦ୍ୱାରସ୍ଥ ହୋଇଥିଲେ। ମହିଳାମାନଙ୍କର ସମସ୍ତ ଅଭିଯୋଗ ଓ ସମସ୍ୟା ଧୈର୍ଯ୍ୟର ସହ ଶୁଣିବା ପରେ ଡିଏଲ୍‌ଏସ୍‌ଏର ସଚିବ ସେମାନଙ୍କୁ ଆଶ୍ୱାସନ ଦେଇଥିଲେ ଏବଂ ସମ୍ପୃକ୍ତ ଅନ୍ୟ ପକ୍ଷମାନଙ୍କୁ ମଧ୍ୟ ନୋଟିସ୍ ଜାରି କରି ତୁରନ୍ତ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ମାମଲାଟି ମହିଳା ମାନଙ୍କ ସହ ସମ୍ପୃକ୍ତ ହୋଇଥିବାରୁ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ବିଚାର କରାଯାଇଛି। ଏହା ସହିତ ଏହି ଘଟଣାରେ ଆଇନ-ଶୃଙ୍ଖଳା ପରିସ୍ଥିତିର ସମ୍ଭାବ୍ୟ ପ୍ରଭାବକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

# 'ଦୀର୍ଘ ୮ଘଣ୍ଟା ୨୩ ମିନିଟ୍ ଧରି ଚାଲିଲା ଗଣତି'



**ପୁରୀ, ୧/୯(ନିପ୍ର):** ଗତକାଲି ଭଳି ଆଜି ୧୭ତମ ଦିନରେ ମଧ୍ୟ ଲମ୍ବା ସମୟ ଧରି ଭିତର ଭଣ୍ଡାରରେ ରତ୍ନ ଗଣତି ହୋଇଛି। ଦୀର୍ଘ ୮ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ଏହି ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ମୂଲ୍ୟବାନ ରତ୍ନ ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ ହୋଇଛି। ମହାପ୍ରଭୁଙ୍କୁ କୃପାରୁ ଏହା ଅତ୍ୟନ୍ତ ସ୍ୱଚ୍ଛତାସହ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଜି ସକାଳ ଧୂପ ପରେ ୧୧ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ଦଳ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ଠିକ୍ ୭ଟା ୫୩ ମିନିଟ୍‌ରେ ଗଣତି ଶେଷ ହୋଇଥିଲା। ଭିତରେ ଥିବା ୬ଟି ଆଲମାରିରୁ ଏବେ ୫ମ ଆଲମାରି ରତ୍ନ ଗଣତି ଚାଲିଛି। ସବୁ ରତ୍ନର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରିଡି ମ୍ୟାପିଂ ସହ କାଟାଲଗ୍ ପ୍ରସ୍ତୁତ କରାଯାଉଛି। ରତ୍ନ ବିଶାରଦଙ୍କ ଦ୍ୱାରା ରତ୍ନପଥରଗୁଡ଼ିକ ଚିହ୍ନଟ ହେଉଥିବାରୁ ଗୋଟିଏ ଗୋଟିଏ ରତ୍ନ ପରୀକ୍ଷା କରି ଗଣତି କରିବାକୁ ଘଣ୍ଟାଏ ଲାଗୁଛି। ଅତିରିକ୍ତ ବ୍ୟବସ୍ଥାବଳୀ ଆଧାରରେ ସମ୍ପୂର୍ଣ୍ଣ ନିର୍ଭୁଲ୍ ଭାବରେ ପକ୍ରିୟା ଜାରି ରହିଥିବା ସେ କହିଛନ୍ତି।

# ଶକ୍ତି ସମ୍ମିଳନୀରେ ଏକାଠି ହେଲେ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ



**ଭୁବନେଶ୍ୱର, ୧/୯(ନିପ୍ର):** ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଶକ୍ତି ସମ୍ମିଳନୀରେ ଏକାଠି ହୋଇଛନ୍ତି। ସମ୍ମିଳନୀର ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି, ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନଭିନ୍ନ ଭାବେ ଦେଖାଯାଇପାରିବ ନାହିଁ। ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମୂହିକ ଉତ୍ତରଦାୟିତ୍ୱ ମାଧ୍ୟମରେ ଏଗୁଡ଼ିକ ସହସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନ ଯାପନ କରିପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ କହିଛନ୍ତି, ସମଗ୍ର ଦେଶରେ ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଏବଂ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ରହିଛି। ଜାତୀୟ ମହିଳା ଆୟୋଗର ସଦସ୍ୟ ସଚିବ ସୁଦୀପ ଜୈନ, ମହିଳା ଓ ଶିଶୁ ବିକାଶ ବିଭାଗର କମିସନର ତଥା ଶାସନ ସଚିବ ଡ. ମୃଣାଳିନୀ ଦାର୍ସୱାଲ ଏବଂ ମିଶନ ଶକ୍ତିର ସଚିବ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡ଼ୁ, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଏବଂ ତେଲେଙ୍ଗାନା ସମେତ ୨୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିସନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ୨୯ ଜଣ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିଜର ସଫଳ ପଦକ୍ଷେପ, କାର୍ଯ୍ୟକାରିତାରେ ଥିବା ଅଭାବ ଏବଂ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏହା ଏକ ଜାତୀୟ ମଞ୍ଚ।

# ବିକ୍ରମ ପଣ୍ଡା ଜେଲରୁ ବାହାରିଲେ



ଗଞ୍ଜାମ, ୧/୯(ନିପ୍ର): ହାଇକୋର୍ଟର ସର୍ତ୍ତମୂଳକ ଜାମିନ ପାଇ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ବିକ୍ରମ ପଣ୍ଡା ବ୍ରହ୍ମପୁର ଜେଲରୁ ବାହାରିଛନ୍ତି। ଏହି ସମୟରେ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ରାଜ୍ୟ ବିଜେଡି ନେତୃବୃନ୍ଦ ଦେବୀ ମିଶ୍ର, ପ୍ରତାପ ଜେନା, ଚିନ୍ମୟ ସାହୁଙ୍କ ସମେତ ଜିଲ୍ଲାରୁ ପ୍ରାୟ ତିନି ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ ଦଳୀୟ କର୍ମୀ ଫୁଲତୋଡ଼ା, ଫୁଲ ମାଳ ଦେଇ ଭିଡ଼ ଜମାଇ ଥିଲେ। ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ପୁଲିସ ଦ୍ୱାରା ଅଭିଯୁକ୍ତ ହୋଇ ଗିରଫ ହୋଇ ନଭେମ୍ବର ୬ ତାରିଖରୁ ସେ ବ୍ରହ୍ମପୁରର କେନ୍ଦ୍ରୀୟ ଜେଲରେ ଥିଲେ।

# ରାଷ୍ଟ୍ରପତି ଭବନରେ ସମ୍ମାନିତ ହେଲେ ଗଞ୍ଜାମ ଜିଲ୍ଲାର କଳାକାର

**ଭୁବନେଶ୍ୱର, ୧/୯(ନିପ୍ର):** ରାଷ୍ଟ୍ରପତି ଭବନରେ ସମ୍ମାନିତ ହେଲେ କଳା ଓ ସଂସ୍କୃତିର ଅନନ୍ୟ ପରମ୍ପରା ପାଇଁ ପରିଚିତ ଗଞ୍ଜାମ ଜିଲ୍ଲାର ୯୧ ଜଣ କଳାକାର। ସମସ୍ତ କଳାକାରଙ୍କୁ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସମ୍ମାନିତ କରାଯାଇଛି। କଳାକାରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଗଞ୍ଜାମର ଲୋକକଳା, ଆଦିବାସୀ ନୃତ୍ୟ ଓ ପାରମ୍ପରିକ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଛନ୍ତି । ସାକ୍ଷାତ ପରେ କଳାକାରମାନେ ରାଷ୍ଟ୍ରପତି ଭବନରେ ମଧ୍ୟାହ୍ନ ଭୋଜନ କରିଥିଲେ। ସୂଚନା ଅନୁଯାୟୀ ଗତ ଅଗଷ୍ଟ ୪ ଓ ୫ ତାରିଖରେ ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ସମୟରେ ତପ୍ତପାଣିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ସମୟରେ ୫ଟି ଆଦିବାସୀ ନୃତ୍ୟଦଳ ଲୋକନୃତ୍ୟ ପରିବେଷଣ କରିଥିଲେ। ବିଶେଷକରି ଲାଞ୍ଜିଆ ସୌରା ନୃତ୍ୟ ରାଷ୍ଟ୍ରପତିଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ୫ଟି ଦଳର ୯୧ ଜଣ କଳାକାରଙ୍କୁ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରାଯାଇଥିଲା।

# ଅନୁଦାନ ଦାବିରେ ଓସ୍ନେଲିଆର ମହାଆନ୍ଦୋଳନ ଘୋଷଣା

ଭୁବନେଶ୍ୱର, ୧/୯(ନିପ୍ର): ଅଦ୍ୟ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ, (ଓସ୍ନେଲିଆ ), ଓଡିଶା, ଭୁବନେଶ୍ୱର ଆନୁକୂଲ୍ୟରେ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ଅଧ୍ୟକ୍ଷତା ରେ ସ୍ଥାନୀୟ ଜୟଦେବ ବିହାର ସ୍ଥିତ ସଂଘ କାର୍ଯ୍ୟାଳୟରେ ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ମହା ବିଦ୍ୟାଳୟରେ ୧ଜୁନ ୨୦୦୮ ରୁ ୧ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।


# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ତରଭା, ୧/୯(ନିପ୍ର): ତରଭା ଏନଏସି କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ଓ ଏହି ଅବସରରେ ଚେୟାରମେନ ବନ୍ଦିତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ପରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ପରିସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଚେୟାରମ୍ୟାନ ବନ୍ଦିତାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ଓ ଏନ ଏ ସି କାର୍ଯ୍ୟ ଳୟ ପରିସରରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନଦିବସ ପାଳନ ର ସିଧା ପ୍ରସାରଣ ସହ ପରିଷଦର ପରିମଳ କର୍ମଚାରୀ, ଅନ୍ୟ କର୍ମଚାରୀଙ୍କୁ ଅତିଥି ଓ ପରିଷଦ ସଭ୍ୟଙ୍କ ଦ୍ୱାରା ପୋଷାକ ବଣ୍ଟନ କରାଯାଇଥିଲା ଓ ପୂର୍ବାହ୍ନରେ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓଙ୍କ ଦ୍ୱାରା ତରଭାର ବହୁ ପ୍ରତିକ୍ଷିତ ବସ ଷ୍ଟାଣ୍ଡ ଉଦଘାଟିତ ହୋଇଯାଇଛି ।

# 'ସୁଭଦ୍ରାରୁ ବଞ୍ଚିତ ବୟସ୍କାଙ୍କୁ ମଧୁବାବୁ ଭତ୍ତା ମିଳୁ'

ଡାପୁର, ୧/୯(ନିପ୍ର): ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ଯେଉଁ ସୁଭଦ୍ରା ହିତାଧିକାରୀ ମାନଙ୍କର ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ସେମାନେ ସୁଭଦ୍ରା ଯୋଜନାରୁ ବାଦ ପଡ଼ି ରାଜ୍ୟ ସରକାର ପ୍ରଦାନ କରୁଥିବା ବାର୍ଦ୍ଧ୍ୟକ ଭତ୍ତା(ମଧୁବାବୁ ପେନସନ) ପାଇବେ ବୋଲି ନିୟମ ହେଲା। କିନ୍ତୁ, ଏହି ଭତ୍ତା ପାଇବା ପାଇଁ ବୃଦ୍ଧ ଓ ବୃଦ୍ଧାମାନେ ଆବଶ୍ୟକୀୟ କାଗଜପତ୍ର ଧରି ଆଧାର କେନ୍ଦ୍ର ସାମନାରେ ଲାଇନ ଲଗାଉଥିବା ଦେଖାଯାଉଛି। ଉଲ୍ଲେଖଯୋଗ୍ୟ, ସୁଭଦ୍ରା ଯୋଜନାରେ ଜଣେ ମହିଳା ୨୧ ବର୍ଷ ଠାରୁ ୬୦ ବର୍ଷ ପର୍ଯ୍ୟନ୍ତ ଆନ୍ତର୍ଭୁକ୍ତ ହେବା ପାଇଁ ନିୟମ ରହିଛି। ସେମାନେ ଗୋଟିଏ ବର୍ଷରେ ୨ ଥର ୫ ହଜାର ଲେଖାଏଁ ୧୦ ହଜାର ପାଇବେ ଏବଂ ୫ ବର୍ଷରେ ୫୦ ହଜାର ପାଇବେ ବୋଲି ନିୟମ ହୋଇଛି । ଏପରିକି ଯେଉଁ ମହିଳାଙ୍କୁ ୬୦ ବର୍ଷରୁ ଅଧିକ ହେବ ତାଙ୍କର ସୁଭଦ୍ରା ଯୋଜନାରୁ ନାମ କଟି ଯିବାର ବ୍ୟବସ୍ଥା ହୋଇଛି। ଏହିପରି ଭାବରେ ଡାପୁର ବ୍ଲକରୁ ଚଳିତଥର ବହୁସଂଖ୍ୟାରେ ମହିଳାମାନଙ୍କର ସୁଭଦ୍ରା ଯୋଜନାରୁ ନାଁ କଟି ଯାଇଥିବା ପରିଲକ୍ଷିତ ହୋଇଛି । ୬୦ ବର୍ଷରୁ ଅଧିକ ହୋଇଥିବା ମହିଳା ମାନଙ୍କର ସୁଭଦ୍ରା ଯୋଜନାରୁ ନାଁ କଟିଛି ସେମାନଙ୍କ ପାଇଁ କଣ ନିୟମ ରହିଛି ରାଜ୍ୟ ସରକାର ଘୋଷଣା କରି ନ ଥିବାବେଳେ ସେମାନେ ମଧୁବାବୁ ପେନସନ ସ୍କିମରେ ପୁଣି ଥରେ ଆବେଦନ କରୁଥିବା ଦେଖାଯାଉଛି। ଯେଉଁ ବୟସ୍କ ମହିଳା ମାନଙ୍କର ନାମ ସୁଭଦ୍ରା ଯୋଜନାରୁ କଟାଯାଉଛି ସେମାନଙ୍କ ଭତ୍ତା ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ଦାବି ହୋଇଛି।

# ବିଜୟ କୁମାର ମିଶ୍ର ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଲେ



ଭୁବନେଶ୍ୱର, ୧/୯(ପିଆଇବି): ଭାରତୀୟ ରେଳ ଆକାଉଣ୍ଟସ ସର୍ଭିସ୍ ର ୧୯୯୧ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗ ଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ଆକାଉଣ୍ଟସ, ଫାଇନାନ୍ସ, ବଜେଟ୍ ପରିଚାଳନା ଏବଂ ଆଭ୍ୟନ୍ତରୀଣ ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ଦେଉଛନ୍ତି। ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସର୍ବାଧିକ ଆୟକାରୀ ଜୋନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ। ଏହାପୂର୍ବରୁ ଶ୍ରୀ ମିଶ୍ର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଂ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଆଇଆରସିଓଏନର କୁଆଲାଲାମ୍ପୁର (ମାଲେସିଆ) ପ୍ରକଳ୍ପରେ ପ୍ରୋଜେକ୍ଟ ଫାଇନାନ୍ସ ହେଡ୍ ଭାବେ କାର୍ଯ୍ୟ କରି ଆନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ, ଶ୍ରୀ ମିଶ୍ର ଆଇଆଇଟି, ଧନବାଦରୁ ଆପ୍ଲାଏଡ୍ ଜିଓଲୋଜିରେ ପୋଷ୍ଟଗ୍ରାଜୁଏଟ୍ ଡିଗ୍ରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଲି କୁଆନ୍ ୟୁ ସ୍କୁଲ୍ ଅଫ୍ ପବ୍ଲିକ ପଲିସିରୁ ପବ୍ଲିକ ପଲିସିରେ ମାଷ୍ଟର୍ସ ହାସଲ କରିଛନ୍ତି।

# ବେହାଲ ରାସ୍ତାକୁ ନେଇ ହାଇକୋର୍ଟ କ୍ଷୁବ୍ଧ

## ୨ ବର୍ଷର ନିର୍ଦ୍ଦେଶ ପରେ ବି ବଦଳିନି ଚିତ୍ର

କଟକ, ୧/୯(ନିପ୍ର) : 'ରାସ୍ତା କେବଳ ପିଚୁ ଓ ପଥର ନୁହେଁ, ଏହା ଜୀବନରେଖା'। କଟକର ବେହାଲ ରାସ୍ତାକୁ ନେଇ ହାଇକୋର୍ଟ କ୍ଷୁବ୍ଧ । ୨ ବର୍ଷର ନିର୍ଦ୍ଦେଶ ପରେ ବି ବଦଳିନି ଚିତ୍ର । କଟକ ସହରର ବେହାଲ ରାସ୍ତାକୁ ନେଇ ପୁଣି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଓଡ଼ିଶା ହାଇକୋର୍ଟ । ବାରମ୍ବାର ନିର୍ଦ୍ଦେଶ, ଅଧିକାରୀଙ୍କ ପ୍ରତିଶ୍ରୁତି ଓ କୋର୍ଟରେ ଗୋଟିଏ ପରେ ଗୋଟିଏ କମ୍ପ୍ଲାଏନ୍ସ ଆଫିଡେଭିଟ୍ ଦାଖଲ ସତ୍ତ୍ୱେ ରାସ୍ତାର ବାସ୍ତବ ସ୍ଥିତିରେ ଆଶାନୁରୂପ ପରିବର୍ତ୍ତନ ଆସିନଥିବାରୁ କୋର୍ଟ କଡ଼ା ମନ୍ତବ୍ୟ କରିଛନ୍ତି । ଜଷ୍ଟିସ୍ କେ.ଆର ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି, ରାସ୍ତା କେବଳ ପିଚୁ ଓ ପଥର ନୁହେଁ । ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଘ) ସହ ଅନୁଚ୍ଛେଦ ୨୧ ଅନୁସାରେ ଏହା ଏକ 'ଜୀବନରେଖା' । ଲୋକଙ୍କ ଯାତାୟାତ ଓ ଜୀବନ ସହ ରାସ୍ତା ସିଧାସଳଖ ଭାବେ ଜଡ଼ିତ ବୋଲି କୋର୍ଟ ଗୁରୁତ୍ୱ ଦେଇଛନ୍ତି । କଟକ ରାସ୍ତାର ସ୍ଥିତିକୁ ନେଇ ଖଣ୍ଡପୀଠ ଅତ୍ୟନ୍ତ କଡ଼ା ଭାଷାରେ ପ୍ରଶାସନିକ ନିଷ୍କ୍ରିୟତାକୁ ସମାଲୋଚନା କରିଛନ୍ତି । କୋର୍ଟଙ୍କ ମତରେ, କାଗଜପତ୍ରରେ ଦାଖଲ ହେଉଥିବା ଅନୁପାଳନ ସତ୍ୟପାଠ ବାସ୍ତବରେ ଯାତାୟାତଯୋଗ୍ୟ ରାସ୍ତାରେ ପରିଣତ ହୋଇପାରିନାହିଁ । ସହରରେ ଖାଲ ସୃଷ୍ଟି ହେଉଛି, ମରାମତି ହେଉଛି, ବର୍ଷା ଆସୁଛି ଏବଂ ପୁଣି ଖାଲ ସୃଷ୍ଟି ହେଉଛି। ଏହି ଯନ୍ତ୍ରଣାଦାୟକ ଚକ୍ର ଜାରି ରହିଥିବା କୋର୍ଟ କହିଛନ୍ତି । ପ୍ରାୟ ଦୁଇ ବର୍ଷ ଧରି କଟକ ମହାନଗର ନିଗମ, ପୂର୍ତ୍ତ ବିଭାଗର ଆରଆଣ୍ଡବି ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କୋର୍ଟ ବାରମ୍ବାର ପଦକ୍ଷେପ ନେବାକୁ କହିଆସୁଛନ୍ତି । ୨୦୨୪ ସେପ୍ଟେମ୍ବର ୧୨ରେ ହାଇକୋର୍ଟ କଟକର ୧୫ଟି ୱାର୍ଡର କ୍ଷତିଗ୍ରସ୍ତ ରାସ୍ତା ତୁରନ୍ତ ମରାମତି କରି ପ୍ରଗତି ରିପୋର୍ଟ ଦେବାକୁ କର୍ତ୍ତୃପକ୍ଷଙ୍କୁ କହିଥିଲେ । ପରେ ଅକ୍ଟୋବର ୩ରେ ଆଡଭୋକେଟ୍ସ କମିଟି ଜଳବନ୍ଦୀ ସମସ୍ୟା ଉଠାଇଥିଲା । ରାସ୍ତାରେ ପାଣି ଜମିବା ଯୋଗୁଁ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହେବା ସହ ସାଧାରଣ ଲୋକଙ୍କ ସମସ୍ୟା ବଢୁଥିବା ଦର୍ଶାଯାଇଥିଲା । ଏହାପରେ କେଏମସି କମିଶନରଙ୍କୁ ଜଳବନ୍ଦୀ ସମସ୍ୟାର ସମାଧାନ ସହ ଆବଶ୍ୟକ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ଶୁଣାଣିରେ ରାସ୍ତାର ଦାୟିତ୍ୱକୁ ନେଇ କେଏମସି ଓ ଆରଆଣ୍ଡବି ମଧ୍ୟରେ ସ୍ୱଚ୍ଛତାର ଅଭାବ ସାମ୍ନାକୁ ଆସିଥିଲା । ଏହାକୁ ନେଇ ଦୁଇ ସଂସ୍ଥା ମଧ୍ୟରେ ସ୍ପଷ୍ଟ ସମନ୍ୱୟ ଅଭାବ ରହିଥିବା କୋର୍ଟ କହିଥିଲେ । କେଏମସି ପକ୍ଷରୁ ରାସ୍ତା କାମ ଦୁର୍ଗାପୂଜା ସୁଦ୍ଧା ଶେଷ ହେବ ବୋଲି ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ପୂରଣ ନହେବା ପରେ ୨୦୨୪ ନଭେମ୍ବର ଶେଷ ସୁଦ୍ଧା କାମ ସାରିବାକୁ ପୁଣି ଆଶ୍ୱାସନ ଦିଆଯାଇଥିଲା ।



# ଆୟୁଷ୍ମାନରେ ମିଶିବ ନାହିଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା

**ଭୁବନେଶ୍ୱର, ୧/୯(ନିପ୍ର):** ରାଜ୍ୟ ସାମ୍ବାଦିକମାନଙ୍କ ପାଇଁ ଆସିଛି ଖୁସି ଖବର । ଆୟୁଷ୍ମାନ ଭାରତ ଯୋଜନାରେ ମିଶିବ ନାହିଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା। ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ଲାଭ ଉଠାଇ ପାରିବେ । ରାଜ୍ୟ ସରକାର ଏ ନେଇ ନିଷ୍ପତ୍ତି ନେଇଛନ୍ତି । ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଥିଲା । କିନ୍ତୁ ସାମ୍ବାଦିକ ମହଲରେ ଏ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବୀମାକୁ କେନ୍ଦ୍ର ବୀମାରେ ଅନ୍ତର୍ଭୁକ୍ତ ନ କରିବାକୁ ନିବେଦନ କରାଯାଇଥିଲା । ଫଳରେ ସରକାର ପୂର୍ବ ପରି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ କାଏମ ରଖିଛନ୍ତି । ସେଥିପାଇଁ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି।



ଗଣେଶ ପୂଜା ପାଇଁ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର (ଫଟୋ-ଦିନଲିପି)

# ନେପାଳ ଜଳପ୍ରଳୟ: ମୃତ୍ୟୁ ସଂଖ୍ୟା ୧ ହଜାର ପାର୍

କାଠମାଣ୍ଡୁ,୧।୯: ନେପାଳରେ ଭୟାବହ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମୃତ୍ୟୁସଂଖ୍ୟା ୧ ହଜାର ପାର୍ କରିଛି। ନେପାଳରେ ୯୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପଡ଼ୋଶୀ ଚୀନ୍‌ରେ ମଧ୍ୟ ୧୬ ଜଣଙ୍କ ମୃତ୍ୟୁ ସୂଚନା ମିଳିଛି। ଫଳରେ ଦୁଇ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୧ ହଜାର ୩ ଜଣରେ ପହଞ୍ଚିଛି। ନେପାଳ ବିପର୍ଯ୍ୟୟ ବିଭାଗର ସୂଚନା ଅନୁଯାୟୀ, ଏହି ବିପର୍ଯ୍ୟୟରେ ଏବେ ବି ୩୯୧୬ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ୫୮୩ ଜଣ ବିଦେଶୀ ନାଗରିକ ରହିଥିବା ଜଣାପଡ଼ିଛି।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar affidavit no.59, dtd 08.06.2026, I Sujata Pradhan W/o-Pratap Kumar Pradhan At-Baligaon Po-Saraswatipur Ps-Balanga Dist-Puri Odisha-752105 do hereby declare thatI have changed the name of my son's from Sankpal Pradhan to Sakalpa Pradhan. Henceforth he will be known as Sankalpa Pradhan for all purposes.

**Sd/-Sujata Pradhan**

**AFFIDAVIT**

By virtue of an affidavit sworn before The Executive Magistrate, Krushnaprasad, Puri affidavit no.730/26 dt.10.08.2026, I Ratikanta Mallick S/o-Late Nimain Mallick At-Berhamapur Po-Berhamapur, Ps-Krushnaprasad Dist-Puri do hereby declare that, I have changed the name of my daughter's name from Ami Starlin Mallick to Emi Starlin Mallick. Henceforth she shall be known as Emi Starlin Mallick for all purposes.

**Sd/-Ratikanta mallick**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ